

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୩ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 03 NOVEMBER 2022

Vol.No. 33 ■ No. 285 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ନୂଆ ନିୟମ ଆଣିଲେ ଟ୍ୱିଟରର ନୂଆ ମାଲିକ ଏଲନ ମସ୍କ

ସପ୍ତାହକୁ ୭ଦିନ ସହ ୧୨ ଘଣ୍ଟା କାମ କରିବାକୁ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୦୨/୧୧ : ନୂଆ ମାଲିକଙ୍କ ନୂଆ ନିୟମ । ବ୍ଲୁ ଟିକ୍ ୟୁଜରଙ୍କୁ ଏଣିକି ମାସକୁ ଦେବେ ୬୬୦ ଟଙ୍କା । କିଛି ଦିନ ତଳେ ଟ୍ୱିଟର କିଣିଥିବା ବିଶ୍ୱର ସବୁଠାରୁ ଧନଶାଳୀ ବ୍ୟକ୍ତି ଏଲନ୍ ମସ୍କ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମରେ ବଡ଼ ବଡ଼ ପରିବର୍ତ୍ତନ କରିବା ଆରମ୍ଭ କରିଛନ୍ତି । ନୂଆ ନିୟମ ଆଧାରରେ ବ୍ଲୁ ଟିକ୍ ୟୁଜର୍ସଙ୍କୁ ଏଣିକି ପ୍ରାପ୍ୟ ଦେବାକୁ ପଡ଼ିବ ବୋଲି ମସ୍କ ଘୋଷଣା କରିଛନ୍ତି । ଟ୍ୱିଟରରେ ଭେରିଫାଏଡ୍ ଆକାଉଣ୍ଟ ବା ବ୍ଲୁ-ଟିକ୍ ପାଇଁ ୟୁଜରଙ୍କୁ ସବସ୍କ୍ରିପସନ୍ ଚାର୍ଜ ବାବଦକୁ ପ୍ରଥମେ ମାସକୁ ୨୦ ଡଲାର ଦେବା ପାଇଁ ଧାର୍ଯ୍ୟ ହୋଇଥିଲା । କିନ୍ତୁ ୟୁଜର ବିରୋଧ କରି ଏହାକୁ ମହଙ୍ଗା ବୋଲି କହିଥିଲେ । ଯାହା ପରେ କମ୍ପାନୀର ନୂଆ ମାଲିକ ମସ୍କ ମାସିକ ଚାର୍ଜକୁ ୮ ଡଲାର ଅର୍ଥାତ୍ ପାଖାପାଖି ୬୬୦ ଟଙ୍କା କରିବାକୁ ନିଷ୍ପତି ନେଇଛନ୍ତି । ଟ୍ୱିଟରରେ ହୋଇଥିବା ବଡ଼ ବଡ଼ ପରିବର୍ତ୍ତନ ଦ୍ୱାରା ଟ୍ୱିଟରର ମ୍ୟାନେଜରଙ୍କ ଉପରେ ଅତ୍ୟଧିକ ଚାପ ପଡ଼ିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, କିଛି ଟ୍ୱିଟର ଇଞ୍ଜିନିୟରଙ୍କୁ ଦିନକୁ ୧୨ ଘଣ୍ଟା ଏବଂ ସପ୍ତାହକୁ ୭ ଦିନ କାମ କରିବାକୁ କୁହାଯାଇଛି । ଟ୍ୱିଟର ମ୍ୟାନେଜରମାନେ କର୍ମଚାରୀଙ୍କୁ କହିଛନ୍ତି ଯେ ଏଲନ୍ ମସ୍କଙ୍କ ନୂଆ ନିଷ୍ପତିକୁ ଠିକ୍ ସମୟରେ ଶେଷ କରିବା ପାଇଁ ସେମାନଙ୍କୁ ଅଧିକ ଘଣ୍ଟା କାମ କରିବାକୁ ପଡ଼ିବ । ଯଦି ନିର୍ଦ୍ଧାରିତ ସମୟରେ କାମ ପୂରଣ ନହୁଏ, ତେବେ କର୍ମଚାରୀଙ୍କୁ ଚାକିରି ହରାଇବାକୁ ପଡ଼ିପାରେ ବୋଲି ଜଣାପଡ଼ିଛି । ନିକଟରେ କମ୍ପାନୀ ଦୁଇଟି ନୂଆ ଫିଚର କାର୍ଯ୍ୟକାରୀ କରିଛି । ଯାହାଦ୍ୱାରା ୫୪ ହଜାର ଭାରତୀୟ ଆକାଉଣ୍ଟ ବ୍ୟାନ୍ ହୋଇଥିବା ଜଣାପଡ଼ିଛି । କମ୍ପାନୀ ତା'ର ମାସିକ ରିପୋର୍ଟରେ ଏହି ସୂଚନା ଦେଇଛି । ଏହି ଆକାଉଣ୍ଟକୁ ଅଗଷ୍ଟ ୨୬ରୁ ସେପ୍ଟେମ୍ବର ୨୫ ତାରିଖ ମଧ୍ୟରେ ବ୍ୟାନ୍ କରାଯାଇଥିବା ସୂଚନା ମିଳିଛି । ଏହି ଆକାଉଣ୍ଟରେ ଶିଶୁଙ୍କ ପ୍ରତି ଯୌନ ଶୋଷଣ, ଅଶ୍ଳୀଳତା ଏବଂ ଆନୁସଙ୍ଗିକ ବିଷୟବସ୍ତୁ ପ୍ରଚାର ପ୍ରଚାର କରାଯାଉଥିଲା । ସେଥିମଧ୍ୟରୁ ୧୯୮୨ ଆକାଉଣ୍ଟକୁ ଆତଙ୍କବାଦୀ ସମ୍ପର୍କିତ ତଥ୍ୟ ପ୍ରସାର ପାଇଁ ନିଷିଦ୍ଧ କରାଯାଇଛି । ନୂଆ ଆଇଟି ନିୟମ, ୨୦୨୧ ଅନୁସାରେ, ୫ ନିୟୁତର ଅଧିକ ୟୁଜର ଥିବା ଭାରତର ପ୍ରମୁଖ ଡିଜିଟାଲ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ମାସିକ ଅନୁପାଳନ ରିପୋର୍ଟ ପ୍ରକାଶ କରିବାକୁ ପଡ଼ିଥାଏ । ନୂଆ ନିୟମ କାର୍ଯ୍ୟକାରୀ ପରେ କର୍ମଚାରୀଙ୍କ ଉପରେ ଅତ୍ୟଧିକ ଚାପ ପଡ଼ିଛି । ଏମିତିକି କିଛି କର୍ମଚାରୀଙ୍କୁ ଛଟେଇ କରିବା ପାଇଁ ମଧ୍ୟ ଯୋଜନା କରାଯାଉଛି ।

ଅର୍ଚ୍ଚନା ନାଗ ସମେତ ୪ ଜଣଙ୍କ ନାଁରେ ମାମଲା ରୁଜୁ କଲା ଇଡି

ଭୁବନେଶ୍ୱର, ୦୨/୧୧ (ନି.ପ୍ର): ବଢିଲା ଅର୍ଚ୍ଚନା ନାଗଙ୍କ ଅଡୁଆ । ବ୍ଲାକମେଲିଂର ପେଡି ଖୋଲିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଅର୍ଚ୍ଚନାଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଇଡି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଜି ୪ ଜଣଙ୍କ ନାଁରେ ମାମଲା ରୁଜୁ କରିଛି । ଏମାନେ ହେଲେ ଅର୍ଚ୍ଚନା ନାଗ, ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ, ଅର୍ଚନାଙ୍କ ସହଯୋଗୀ ଖଗେଶ୍ୱର ଓ ଖଣ୍ଡଗିରି ଥାନାରେ ଅର୍ଚ୍ଚନା ନାଁଙ୍କ ମାମଲା ରୁଜୁ କରିଥିବା ଯୁବତୀ ଶ୍ରଦ୍ଧାଞ୍ଜଳି ବେହେରା । ଇଡିର ୬ ଜଣିଆ ଟିମ ଏହି ତଦନ୍ତ କରୁଛି । ପ୍ରାଥମିକ ପର୍ଯ୍ୟାୟରେ ଏମାନଙ୍କ ବ୍ୟାଙ୍କ ଆକାଂଉଟକୁ ନେଇ ତଦନ୍ତ ଆରମ୍ଭ ହୋଇଛି । କାହାଠାରୁ କେତେ ଟଙ୍କା ଆସିଥିଲା ଓ କାହା ପାଖକୁ କେତେ ଟଙ୍କା ଯାଇଛି ସେ ନେଇ ଖୋଳତାଡ ହେବ । ଇଡି ତଦନ୍ତ କଲେ ଅନେକ ବଡବଡିଆଙ୍କ ଗୁମର ଖୋଲିବ ବୋଲି କୁହାଯାଉଛି । ଭୁବନେଶ୍ୱରର ସତ୍ୟବିହାର ଅଞ୍ଚଳରେ ଆଲିଶାନ ବଙ୍ଗଳା କରି ବଡବଡିଆଙ୍କୁ ଫସାଉଥିବା ଅର୍ଚ୍ଚନାଙ୍କ ବିରୋଧରେ ଅଭିଯୋଗ ରହିଛି । ନେତା, ଫିଲ୍ମ ନିର୍ଦ୍ଦେଶକ ଓ ବିଲଡରଙ୍କୁ ବ୍ଲାକମେଲ କରି ଅର୍ଚ୍ଚନା କୋଟି କୋଟି ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା । ଏନେଇ ନୟାପଲ୍ଲୀ ଓ ଖଣ୍ଡଗିରି ଥାନାରେ ଅଭିଯୋଗ ହେବା ପରେ ଅର୍ଚ୍ଚନାଙ୍କୁ ଗିରଫ କରିଥିଲା କମିଶନରେଟ ପୁଲିସ । ଏହା ପରେ ତାଙ୍କ ସ୍ୱାମୀ ଜଗବନ୍ଧୁ ବି ଗିରଫ ହୋଇଥିଲେ । ଅର୍ଚ୍ଚନାଙ୍କ ଫାସରେ ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ବିଜେପି ନେତା କନକବର୍ଧନ ସିଂହଦେଓ, ରାଜନେତା ଦିଲ୍ଲୀପ ରାୟ, ଜୁଏଲ ଓରାମ ▶▶ପୃଷ୍ଠା ୭

୧୦ରେ ଓଡିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୦୨/୧୧ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସନ୍ତା ୧୦ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତି ହେବା ପରେ ଓଡିଶାକୁ ଶ୍ରୀମତୀ ମୁର୍ମୁଙ୍କର ଏହା ପ୍ରଥମ ଗସ୍ତ ହେବ। ରାଜଭବନ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତା ୧୦ତାରିଖ ଅପରାହ୍ନରେ ଭୁବନେଶ୍ୱରରେ ପହଂଚିବେ । ବିମାନ ବନ୍ଦରରେ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯିବା ପରେ ସେ ସେଠାରୁ ସିଧାସଳଖ ରାଜଭବନ ଯିବେ। ରାଜଭବନରେ ରାତ୍ରି ରହଣୀ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୧୧ତାରିଖ ସକାଳେ ପୁରୀ ଗସ୍ତରେ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ଏହାପରେ ସେ ଦିଲ୍ଲୀ ଫେରିଯିବେ।

ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ : ୨ ଗିରଫ

ଭୁବନେଶ୍ୱର, ୦୨/୧୧ (ନି.ପ୍ର): ଭୁବନେଶ୍ୱରରେ ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ପୋଲିସ୍। ଗିରଫ ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଚନ୍ଦନପୁର ଓ ଜଣେ ଅନୁଗୁଳ ଅଂଚଳର ବୋଲି ସୂଚନା ମିଳିଛି। ମହିଳା ଜଣଙ୍କ ଘର କଟକରେ ହୋଇଥିବା ବେଳେ କୌଣସି ଏକ କାମ ପାଇଁ କଟକରୁ ଭୁବନେଶ୍ୱର ଆସିଥିଲେ। ରାତି ହୋଇଯିବାରୁ ଏକ ଘରେ ଥଇଥାନ କରାଇ ଦେବାକୁ କହି ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି।

ଆଜି ଧାମନଗର ଭୋଟ୍

ଭୁବନେଶ୍ୱର, ୦୨/୧୧ (ନି.ପ୍ର): ଆସନ୍ତାକାଲି (ଗୁରୁବାର) ଧାମନଗର ଉପନିର୍ବାଚନ ପାଇଁ ଭୋଟଗ୍ରହଣ ହେବ। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ବୁଥରେ ପୋଲିଂ ପାର୍ଟି ପହଂଚିସାରିଛନ୍ତି। ୨୫୨ ବୁଥ୍ ରେ ସମୁଦାୟ ୧୦୦୮ ପୋଲିଂ ପାର୍ଟି ନିୟୋଜିତ ହୋଇଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ୩ଟି ରାଜନୈତିକ ଦଳ ପ୍ରଚାର ସମୟରେ କିଛି ଅଭିଯୋଗ ଆଣିଥିଲେ । ସାଧାରଣ ଅଭିଯୋଗ ପାଇଁ ଆମେ ଜିଲ୍ଲା ପ୍ରଶାସନକୁ ମାର୍ଗଦର୍ଶିକା ଦେଇଛୁ । ୫ଟି ଘଟଣାରେ ପୋଲିସ କେସ ହୋଇଛି । ଆଉ ଗୋଟିଏ ମାମଲାରେ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା ଆମେ ତାକୁ ଜାତୀୟ ନିର୍ବାଚନ ଆୟୋଗଙ୍କ ନିକଟକୁ ପଠାଇଛୁ ବୋଲି ଶ୍ରୀ ଲୋହାନି କହିଛନ୍ତି। ସେ କହିଛନ୍ତି, ଗତକାଲି ପ୍ରଚାର ସରିଛି। ବର୍ତମାନ 'ସାଇଲେଂଟ ପିରିୟଡ୍' ଚାଲିଛି । ଏହି ସମୟରେ ଚେକିଂ କଡାକଡି କରାଯାଉଛି। ଧାମନଗରର ଭୋଟର ହୋଇନଥିବା ରାଜନୈତିକ କର୍ମକର୍ତାମାନଙ୍କୁ ନିର୍ବାଚନ ମଣ୍ଡଳୀ ଛାଡିବାକୁ କୁହାଯାଇଛି। ଆସନ୍ତାକାଲି ସକାଳ ୭ ରୁ ୬.୩୦ ପର୍ଯ୍ୟନ୍ତ ସମସ୍ତ ଏକ୍ସିଟ ପୋଲକୁ ନିଷେଧ କରାଯାଇଛି। ନିର୍ବାଚନର ୪୮ ଘଂଟା ପୂର୍ବରୁ ଡ୍ରାଇ ଡେ ଘୋଷଣା କରାଯାଇଛି। ବୁଥର ୧୦୦ ମିଟର ମଧ୍ୟରେ ▶▶ପୃଷ୍ଠା ୭

ଧବଳେଶ୍ୱରରେ ଏଲଇଡି ଜରିଆରେ ଭକ୍ତମାନଙ୍କ ପାଇଁ ହେବ ଦର୍ଶନ ବ୍ୟବସ୍ଥା

ଭୁବନେଶ୍ୱର, ୦୨/୧୧ (ନି.ପ୍ର): ପବିତ୍ର ପଂଚୁକ ସମୟରେ ଦର୍ଶକ ମାନେ ଧବଳେଶ୍ୱରଙ୍କୁ ଭର୍ଚୁଆଲ ମାଧ୍ୟମରେ ଦର୍ଶନ କରିବେ ଭକ୍ତ । ପ୍ରଶାସନ ପକ୍ଷରୁ ସିଧାସଳଖ ନହେଲେ ମଧ୍ୟ ଏଲଇଡ୍ - ସ୍କ୍ରିନ୍ ରେ ବାବାଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି । କଟକ ଜିଲ୍ଲାପାଳ ପଞ୍ଚୁକରେ ଧବଳେଶ୍ୱରଙ୍କୁ ଶ୍ରଦ୍ଧାଳୁ ଭର୍ଚୁଆଲରେ ଦର୍ଶନ କରିପାରିବେ ବୋଲି ସୂଚନା ଦେଇଛନ୍ତି । ଉଲ୍ଲେଖନୀୟ ଯେ ଝୁଲାପୋଲ ଦୁର୍ବଳ ଥିବାରୁ ପ୍ରଶାସନ ୧୪୪ ଧାରା ଧାରି କରିବା ସହ ଧବଳେଶ୍ୱର ପୀଠକୁ ଭକ୍ତ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା । ଏହାକୁ ନେଇ ଭକ୍ତ ମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା । ଏଥିପାଇଁ ଆଜି କଟକ ଜିଲ୍ଲାପାଳ ଝୁଲାପୋଲ ବୁଲି ଦେଖିବା ସହ ସ୍ଥିତିର ସମୀକ୍ଷା କରିଛନ୍ତି । ଝୁଲାପୋଲରେ କଳଙ୍କୀ ଲାଗିଥିବା ସମସ୍ତ ସ୍ଥାନ ସହ ଫାଟକୁ ଜିଲ୍ଲାପାଳ ଦେଖିଥିଲେ । ଝୁଲାପୋଲର ମରାମତି କାମ ପାଇଁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି ।

ବାଲିଷ୍ଟିକ କ୍ଷେପଣାସ୍ତ୍ର ଇଂଟରସେପ୍ଟର ପର୍ଯ୍ୟାୟ-୨ର ପ୍ରଥମ ସଫଳ ପରୀକ୍ଷଣ

ଭୁବନେଶ୍ୱର, ୦୨/୧୧ (ନି.ପ୍ର): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ପକ୍ଷରୁ ପ୍ରତିରକ୍ଷା ବାଲିଷ୍ଟିକ କ୍ଷେପଣାସ୍ତ୍ର (ବିଏମଡି) ଇଂଟରସେପ୍ଟର ପର୍ଯ୍ୟାୟ-୨ର ପ୍ରଥମ ସଫଳ ପରୀକ୍ଷଣ ହୋଇଛି । ୨ ନଭେମ୍ବର(ବୁଧବାର) ଉପକୂଳସ୍ଥିତ ଏପିଜେ ଅବଦୁଲ କାଲାମ ଦ୍ୱୀପରୁ ଅଧିକ ମାରକ ଉଚ୍ଚତା ପରିଧି ସହିତ ଏହି ଇଂଟରସେପ୍ଟର ଏଡି-୧ କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା । ବିଭିନ୍ନ ଭୌଗଳିକ ସ୍ଥାନରେ ରହିଥିବା ସବୁ ବିଏମଡି ଅସ୍ତ୍ର ପ୍ରଣାଳୀ ଉପକରଣକୁ ସାମିଲ କରାଯାଇ ଏହି ଫ୍ଲାଇଟ୍ ଟେଷ୍ଟ ସମ୍ପାଦନ କରାଯାଇଥିଲା । ଏଡି-୧ ହେଉଛି ଏକ ଦୀର୍ଘ ଦୂରଗାମୀ ଇଂଟରସେପ୍ଟର ବା ପ୍ରତିରୋଧୀ କ୍ଷେପଣାସ୍ତ୍ର । ଏହାକୁ ଉଭୟ ନିମ୍ନ ବାହ୍ୟବାୟୁମଣ୍ଡଳୀୟ (ଏକ୍ସୋ-ଏଟମୋସଫିୟରିକ) ଏବଂ ଆଭ୍ୟନ୍ତରୀଣ (ଏଣ୍ଡୋ-ଏଟମୋସଫିୟରିକ) ଇଣ୍ଟରସେପ୍ସନ ବା ପ୍ରତିରୋଧ ପାଇଁ ଡିଜାଇନ କରାଯାଇଛି। ଏହା ଦୀର୍ଘ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ସହିତ ବିମାନର ଇଂଟରସେପ୍ସନ ବା ବିଧ୍ୱଂସ କରିବାକୁ ସକ୍ଷମ। ଏହି ପ୍ରଣାଳୀ ଦୁଇଟି-ପର୍ଯ୍ୟାୟ ବିଶିଷ୍ଟ ଦୃଢ଼ ମୋଟର ଦ୍ୱାରା ପରିଚାଳିତ ହୋଇଥାଏ। ▶▶ପୃଷ୍ଠା ୭

ଜିତିଲା ଟିମ୍ ଇଣ୍ଡିଆ, ହାରିଲା ବାଂଲାଦେଶ

ନୂଆଦିଲ୍ଲୀ, ୦୨/୧୧ : ଟି-୨୦ ବିଶ୍ୱକପର ଏକ ରୋମାଞ୍ଚକର ମ୍ୟାଚରେ ବାଂଲାଦେଶକୁ ପରାଜିତ କରିଛି ଟିମ୍ ଇଣ୍ଡିଆ । ଏହି ବିଜୟ ସହିତ ଦଳ ସେମିଫାଇନାଲର ନିକଟତର ହୋଇଛି । ତେବେ ବର୍ଷା ବାଧିତ ଏହି ମ୍ୟାଚରେ ଆରମ୍ଭରୁ ଆକ୍ରମଣ ଜାରି ରଖିଥିଲା ବାଂଲାଦେଶ । ହେଲେ ବର୍ଷା ପରେ କିନ୍ତୁ ଟିମ୍ ଇଣ୍ଡିଆ କମ୍ ବ୍ୟାକ୍ କରିବା ସହିତ ଲଗାତାର ୱିକେଟ୍ ନେଇଥିଲା । ଆଉ ଶେଷ ଓଭରରେ ଅର୍ଶଦୀପ ଚମତ୍କାର ବୋଲିଂ କରିବା ସହିତ ଦଳକୁ ବିଜୟ ଭେଟି ଦେଇଥିଲେ । ତେବେ ଟସ୍ ଜିତି ▶▶ପୃଷ୍ଠା ୭

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ଜଣେ ମୃତ, ଦୁଇ ଗୁରୁତର

ବସ୍ତା, ୦୨/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥ ଭେଲୋରା ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ, ୨ ଜଣ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ ଜଳେଶ୍ୱର ଥାନା ଅନ୍ତର୍ଗତ ତାଳଗଛିଆ ଗ୍ରାମର ନରୋତ୍ତମ ବେହେରାଙ୍କ ସ୍ତ୍ରୀ ରଞ୍ଜୁଲତା ତାଙ୍କ ପୁଅ ଏବଂ ପୁତୁରାଙ୍କୁ ସାଙ୍ଗରେ ନେଇ ବାଇକ୍‌ରେ ରୂପା ଯାଉଥିବା ବେଳେ ଭେଲୋରା ଛକ ନିକଟରେ ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଡମ୍ପର ଦ୍ରୁତଗତିରେ ଆସି ପଛପଟୁ ବାଇକ୍‌କୁ ଧକ୍କା ଦେଇଥିଲା, ଯାହା ଫଳରେ ୩ ଜଣ ଯାକ ବାଇକ୍‌ରୁ ଛିଟିକି ପଡିଥିଲେ । ଦ୍ରୁତ ଗତିରେ ଆସି ଡମ୍ପର ସେମାନଙ୍କ ଉପରେ ଚଢି ଯାଇଥିଲା । ଘଟଣା ସ୍ଥଳରେ ମା ରଞ୍ଜୁଲତାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ବଳରାମ ଏବଂ ପୁତୁରା ସୂର୍ଯ୍ୟକାନ୍ତ ଗୁରୁତର ହୋଇଛନ୍ତି । ଖବର ପାଇ ବସ୍ତା ଥାନା ପୋଲିସ ଏବଂ ଜାତୀୟ ରାଜପଥ ପେଟ୍ରୋଲିଂ ଭ୍ୟାନ ଘଟଣା ସ୍ଥଳରେ ପହଞ୍ଚି ଶବ ଜବଦ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁଇ ଗୁରୁତରଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି । ଦୁର୍ଘଟଣା ଘଟାଇବା ପରେ ଡମ୍ପରର ଡ୍ରାଇଭର ଗାଡି ଛାଡି ଫେରାର ହୋଇଥିବା ବେଳେ ପୋଲିସ ଡମ୍ପର ଏବଂ ବାଇକକୁ ଜବଦ କରି ତଦନ୍ତ ଜାରି ରଖିଛନ୍ତ ।

ମୋରବୀ ଦୁର୍ଘଟଣାର ବଡ଼ ଖୁଲାସା: ପୋଲର ହୋଇଥିଲା ନିମ୍ନମାନର କାମ



ନୂଆଦିଲ୍ଲୀ, ୦୨/୧୧ : ଗୁଜରାଟ ମଚ୍ଛୁ ନଦୀରେ ଝୁଲା ପୋଲ ଭୁଶୁଡ଼ିବା ଘଟଣାକୁ ନେଇ ନୂଆ ଖୁଲାସା ହୋଇଛି । ପୋଲ ନିର୍ମାଣରେ ବଡ଼ ଧରଣର ଦୁର୍ନୀତି ହୋଇଥିବା କଥା ସାମ୍ନାକୁ ଆସିଛି । ପୋଲର ନବୀକରଣ ପାଇଁ ଆଗତ ହୋଇଥିଲା ୨୦୦ କୋଟି ଟଙ୍କାର ବଜେଟ୍ । ମରାମତି ଦାୟିତ୍ୱ ଓରେଭା କମ୍ପାନୀକୁ ଦିଆଯାଇଥିଲା । କିନ୍ତୁ କମ୍ପାନୀ ମରାମତିରେ ବ୍ୟାପକ ଦୁର୍ନୀତି କରାଯାଇଥିବା କୋର୍ଟରେ ଦାଖଲ ହୋଇଥିବା ଫରେନ୍ସିକ ରିପୋର୍ଟରେ ଜଣାପଡ଼ିଛି । ପୋଲର ମରାପତି ପାଇଁ ଯେଉଁମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା, ସେମାନେ ଆଦୌ ତାଲିମପ୍ରାପ୍ତ ନଥିବା ସରକାରୀ ଓକିଲ କୋର୍ଟକୁ ଜଣାଇଛନ୍ତି । ଫରେନ୍ସିକ୍ ରିପୋର୍ଟ ଆଧାରରେ କୋର୍ଟଙ୍କୁ କୁହାଯାଇଛି ଯେ, ପୋଲର ଚଟାଣକୁ ବଦଳାଇ ଦିଆଯାଇଥିଲା, କିନ୍ତୁ ମରାମତି ବେଳେ ଏହାର ତାର ଅପରିବର୍ତ୍ତିତ ରହିଥିଲା । ଚଟାଣରେ ଆଲୁମିନିୟମରୀ ଚାରୋଟି ଲେୟର ଲାଗିଥିଲା, ଯାହା ବ୍ରିଜର ଓଜନକୁ ବଢ଼ାଇ ଦେଇଥିଲା । ଆଉ କେବୁଲ ଓଭରଲୋଡିଂ ଦ୍ୱାରା ଏହି ଦୁର୍ଘଟଣା ଘଟିଥିଲା । ତା'ଛଡ଼ା ମୋରବୀ ଝୁଲା ପୋଲର ମରାମତି ଦାୟିତ୍ୱରେ ଠିକାଦାର ଏହି କାମ ପାଇଁ ଆଦୌ ଯୋଗ୍ୟ ନଥିଲେ । ଏହା ସତ୍ତ୍ୱେ ▶▶ପୃଷ୍ଠା ୭

ହାତୀକୁ ନେଇ ହଟହଟା ବନ ବିଭାଗ

ଭୁବନେଶ୍ୱର, ୦୨/୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱର ସହର ଭିତରକୁ ପଶି ଆସିଥିବା ହାତୀକୁ ଟ୍ରାଙ୍କୁଲାଇଜ୍ କରାଯାଇ ଚନ୍ଦକାରେ ଛଡାଯାଇଛି। ବୁଧବାର ଦିନ ଭୁବନେଶ୍ୱରରୁ ହାତୀକୁ କାବୁ କରିବା ପରେ ପ୍ରଥମେ ନୟାଗଡ଼ର ରଣପୁର ନିଆଯାଇଥିଲା। ସେଠାରେ ବିରୋଧ ହେବାରୁ ହାତୀକୁ ଧରି ବନ ବିଭାଗ ଖୋର୍ଦ୍ଧା ଓ ପରେ କେତକୀଝରକୁ ଫେରିଥିଲା। ଏହାପରେ ସନ୍ଧ୍ୟା ସମୟରେ ହାତୀକୁ ପୁଣି ଭୁବନେଶ୍ୱର ଉପକଣ୍ଠ ଚନ୍ଦକାକୁ ଅଣାଯାଇଛି। ସୂଚନା ଅନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତିରେ ପିପିଲି ଅଂଚଳରୁ ପ୍ରଥମେ ଠାବ ହୋଇଥିବା ଗୋଟିଏ ଦନ୍ତା ହାତୀ ରାତିରେ ରାଜଧାନୀକୁ ପଶି ଆସିଥିଲା। ରାତି ପ୍ରାୟ ଗୋଟାଏ ବେଳେ ହାତୀଟି ପିପିଲିରୁ ଧଉଳି, ଗ୍ୟାରେଜ୍ ଛକ ଦେଇ ଲିଙ୍ଗରାଜ ମନ୍ଦିର, ପୋଖରୀପୁଟ, ଯଦୁପୁର ବାଟ ଦେଇ ପରେ ପାତ୍ରପଡ଼ା ଆଇଗିଣିଆ ଅଂଚଳକୁ ଚାଲିଯାଇଥିଲା। ହାତୀକୁ କାବୁ କରିବାକୁ ବନ ବିଭାଗକୁ ନାକେଦମ ହେବାକୁ ପଡିଥିଲା। ଶେଷରେ ବୁଧବାର ଭୋର ପ୍ରାୟ ୫ଟା ସ

ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାସୁଦେବପୁର ,୨/୧୧ (ନି.ପ୍ର): ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମ ମେଳଣ ପଡିଆଠାରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବାସୁଦେବପୁର ଗାନ୍ଧୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇ ଯାଇଛି । ଏହି ଅବସରରେ ୧୯୪୨ ମସିହା ସେପଟେମ୍ବର ୨୮ର ଇରମ ଗୁଳିକାଣ୍ଡ, ମହାତ୍ମା ଗାନ୍ଧୀ, ଉତ୍କଳ ମଣି ଗୋପବନ୍ଧୁ, ଜାତୀୟକବି ବାଣୀନିଧି ମହାନ୍ତି ଙ୍କୁ ସମସ୍ତେ ସ୍ମରଣ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ମହାନ୍ତି ସ୍ମୃତି ସଂସଦ, ବରଣ୍ଡୁଆ, ବେତଡା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ ଦୁଃଶାସନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବ ରେଶହୀଦ ତୀର୍ଥଯାତ୍ରୀର ପ୍ରତିଷ୍ଠାତା ସମାଜସେବୀ ବୈଲୋଚନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଶତ୍ରୁଘ୍ନ ଧନୀ, ଐତିହାସିକ ଅଜୟ ପଣ୍ଡା, ଶିଳ୍ପପତି ମହେଶ ଦାସ, ଗଙ୍ଗାଧର ପଣ୍ଡା, ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ପରିଡା, ନିତ୍ୟାନନ୍ଦ କର, ଅବସରପ୍ରାପ୍ତ ଅଧକ୍ଷ ଭାଗିରଥି ମହାନ୍ତି, କଟଚନ୍ଦ୍ର ବେହେରା, ରେବତୀ କାନ୍ତ ତ୍ରିପାଠୀ, କବି ପିତାମ୍ବର ମିଶ୍ର, ଗଙ୍ଗାଧର ଘଡେଇ, ବରଣ୍ଡୁଆ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ, ହିମାଂଶୁ ପାଣିଗ୍ରାହୀ, ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ଆଡଭୋକେଟ ସ୍ମୃତି ରଞ୍ଜନ ପଳିତା, କବି ନିରଂଜନ ବିଶ୍ୱାଳ, କବି ପ୍ରହ୍ଲାଦ ବାରିକ, ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ, ଗୋବର୍ଦ୍ଧନ ବଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । କବି ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ଙ୍କ ପୁତ୍ର ମାନସ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ ।

ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି ,୨/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଂଚାୟତ ଏମଭି - ୭୯ ରେ ଥିବା ଡଃ. ଶ୍ୟାମପ୍ରସାଦ ଡିଗ୍ରୀ କଲେଜରେ ଚଳିତ ବର୍ଷ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ଆଜି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଲେଜର ପ୍ରଥମ ବର୍ଷର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । କଲେଜର ଅଧକ୍ଷା ପ୍ରବାସିନୀ ମହାପାତ୍ର ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ନୋଡାଲ କଲେଜର ଶିକ୍ଷା ବିଭାଗର ଅଧାପକ ଗୌତମ ନାୟକ ଯୋଗଦେଇ ପିଲା ମାନଙ୍କୁ ଜୀବନର ଧାରାରେ ଶିକ୍ଷାର ମାର୍ଗରେ ବ୍ରତୀ ହେବାପାଇଁ କହିଥିଲେ । ଏଥିରେ ଶିକ୍ଷା ବିଭାଗ ଅଧାପକ ଶ୍ରୀମନ୍ତ ମହାପାତ୍ର, ତାରିଣୀ ଚରଣ ମହାନ୍ତି (ଇତିହାସ), ଶତ୍ରୁଘ୍ନ ପ୍ରଧାନ (ଇଂରାଜୀ), ଶିବରାମ ଦାଇନି (ରାଜନୀତି ବିଜ୍ଞାନ), ଡେମୋନଷ୍ଟେଟର ଲକ୍ଷ୍ମୀ ପ୍ରସାଦ ମାଝି, ଲାଇବ୍ରେରିୟାନ ସନ୍ତୋଷ କୁମାର ପାତ୍ର, ପି. ଟି. ଅମିୟ ସରକାର, କିରାଣୀ ପ୍ରଦୀପ କୁମାର ପ୍ରଧାନ ଉପସ୍ଥିତ ଥିଲେ । ଶେଷରେ ପୁରୁଣା ଛାତ୍ରଛାତ୍ରୀ ମାନେ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇଥିଲେ ।

ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା ,୨/୧୧ (ନି.ପ୍ର): କୋଲାବିରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ ୪୨ଗୋଟି ଅଭିଯୋଗ ଶୁଣାଣି ହୋଇଛି । ଏଥି ମଧ୍ୟରୁ ୨୨ଟି ସାମୁହିକ ଓ ୨୦ଟି ବ୍ୟକ୍ତିଗତ । ସନ୍ୟାସୀପାଲି ସରକାରୀ ଗୋଚର ଜମି ଜବରଦଖଲ, ଜେ. ପଣକିମାଲ ଅଙ୍ଗନବାଡ଼ି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ସିରିଆପାଲି ଛକରୁ ସ୍କୁଲ ପର୍ଯ୍ୟନ୍ତ ରାସ୍ତାରେ ଆଲୋକ ବ୍ୟବସ୍ଥା, କୁଳିଆମାଲ ଠାରୁ କୁବେନବୋଡ଼ ପିଚୁ ରାସ୍ତା ନିର୍ମାଣ, ଝିର୍ଲାପାଲି ପଞ୍ଚାୟତ ଅନ୍ତର୍ଗତ ବଡ଼ବାହାଲ ଗ୍ରାମକୁ ପାନୀୟ ଜଳ ଯୋଗାଣ, ମାଆ ବସୁଧା ମିଶନଶକ୍ତି ଗ୍ରୁପକୁ ଖରିଫ ଧାନ କ୍ରୟ ସଂକ୍ରାନ୍ତୀୟ ଆବେଦନ, ଗୁଚ୍ଛାପାଲିରେ ଶ୍ମଶାନ ଜମି ଜବର ଦଖଲ, ପୋଖରାସାଲେ ଓ କେଲେଣ୍ଡା ମାଲରେ ସରକାରୀ ଜମି ଜବର ଦଖଲ, ଭୋଗରାପାଲିରେ ବନ୍ଧର ଉନ୍ନତିକରଣ, କୁଲିହାମାଲରୁ ଗହ୍ଲାପାଲି ପର୍ଯ୍ୟନ୍ତ ସଡ଼କ ମରାମତି ଆଦି ସାମୁହିକ ଅଭିଯୋଗର ଶୁଣାଣି କରାଯାଇଥିଲା । ସେହିପରି କୋଲାବିରାରେ ଅନାଥ ଭାଇଭଉଣୀଙ୍କୁ ସରକାରୀ ସହାୟତା ପ୍ରଦାନ, ଚିକିତ୍ସା ସକାଶେ ଆର୍ଥିକ ସହାୟତା, ରାସନ କାର୍ଡ଼, ତିନି ଚକିଆ ସାଇକେଲ ପ୍ରଦାନ , ଫଟିସ କେମିକାଲ କର୍ତ୍ତୃପକ୍ଷଙ୍କ ନିକଟରୁ ପ୍ରାପ୍ୟ ସଂକ୍ରାନ୍ତୀୟ ଆବେଦନ, କାଳିଆ ଯୋଜନା ହିତାଧିକାରୀଙ୍କୁ ଟଙ୍କା ମଞ୍ଜୁର ଓ ଚିକିତ୍ସା ବାବଦକୁ ଆର୍ଥିକ ସହାୟତା ସଂକ୍ରାନ୍ତୀୟ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ଶିବିରରେ ଚିକିତ୍ସା ସହାୟତା ବାବଦକୁ ରେଡକ୍ରସ୍ ପାଣ୍ଠିରୁ ଜଣକୁ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯାଇଛି । ଅଭିଯୋଗ ଗୁଡ଼ିକ ସମ୍ପର୍କରେ ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏ ଦିଗରେ ଯଥା ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗ ଶୁଣାଣି ଓ ସମାଧାନ ଦିଗରେ ଅଧିକାରୀମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ , ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ , ବ୍ଲକ ଅଧକ୍ଷା , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ପଣ୍ଡା ,ଆସିଷ୍ଟାଣ୍ଟ କଲେକ୍ଟରଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

୭୧ତମ ଜିଲ୍ଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଓ ଚାଷୀ-ବୈଜ୍ଞାନିକ ଆଲୋଚନାଚକ୍ର

ଧର୍ମଶାଳା ,୨/୧୧ (ନି.ପ୍ର): ଯାଜପୁର ଜିଲା ପ୍ରାଣୀ ସମ୍ପଦ ବିଭାଗ ଅନୁକୂଲ୍ୟରେ ୭୧ତମ ଜିଲା ସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଓ ଚାଷୀ-ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକ ଭବାନୀପୁର ପଂଚାୟତଠାରେ ଅନୁଷ୍ଠିତ ଉତ୍ସବକୁ ଜିଲା ମୁଖ୍ୟ କୃଷି ଅଧକାରୀ କମଳ ନାୟକ ଆନୁଷ୍ଠାନିଭାବେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଉଦ୍ୟାନ କୃଷି ଉପମହାନିର୍ଦ୍ଦେଶକ ସୂର୍ଯ୍ୟମଣୀ ମହାରଣା, ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପଦ୍ମନାଭ ଦାଶଙ୍କ ସମେତ ଭବାନୀପୁର ପଂଚାୟତର ସରପଂଚ ଓ ସମିତିସଭ୍ୟା ଅତିଥିଭାବେ ଯୋଗ ଦେଇଥିଲେ । ଉନ୍ନତମାନର ଗୋ-ଚାଷ କରିବା ସହ ସମନ୍ୱିତ ଭାବେ ବ୍ୟବସାୟୀକ ଭିତିରେ ଧାନ,ପନିପରିବା,ଛତୁ ଓ କୁକୁଡା ଚାଷ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକର୧୦ଜଣ ଅଗ୍ରଣୀ ଚାଷୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ତାହା ସହିତ ଅଂଚଳର ଚାଷୀ ଓ ବୈଜ୍ଞାନିକ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ ।

ଟିକାବାଲିରେ ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ ,୨/୧୧ (ନି.ପ୍ର): ଟିକାବାଲି ମଧ ଇଂରାଜୀ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟିକାବାଲି ବ୍ଲକର ସମସ୍ତ ବିଦ୍ୟାଳୟରୁ ୨ ଶହ ଶିକ୍ଷାର୍ଥୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଚିତ୍ରାଙ୍କନ, ନୃତ୍ୟ, ବକ୍ତୃତା, ଗୀତ, ତର୍କ, ରଚନା, କୁଇଜ, ସୃଜନଶୀଳତା ଲିଖନ ପ୍ରଭୃତି ବିଷୟରେ ପ୍ରତିଯୋଗିତା ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କନ୍ଧମାଳର ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧକ୍ଷ ରଦନ ମଲ୍ଲିକ, ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଢ଼ୀ, ମୁଖ୍ୟବକ୍ତା ରୂପେ ଟିକାବାଲି ସମିତି ଅଧକ୍ଷ ଦିଲ୍ଲୀପ କୁମାର କହଁର, ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଂଚ କୁନ୍ଦୁରୁ ମଲ୍ଲିକ, ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ, ଟିକାବାଲି ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ ନାୟକ, ଗଣେଶ୍ୱର କହଁର, ମିଳିତ ଶିକ୍ଷକ ସଂଘ ସଭାପତି ମଧୁସୂଦନ ବେହେରା, ଉପସଭାପତି ମନୋଜ ଦିଗାଲ, ସମ୍ପାଦିକା ଲତାଞ୍ଜଳି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଟିକାବାଲି ଅଂଚଳର ଗଣମାଧ୍ୟମ ପ୍ରତିନିଧି, ଟିକାବାଲି ଜନସାଧାରଣ ଓ ସମସ୍ତ ବିଦ୍ୟାଳୟରୁ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ତଦାରଖ କରିଥିଲେ ଓ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିଲେ । ଗୌର ଚରଣ ବିଶ୍ୱାଳ, ପବିତ୍ର ସାହୁ, ଜଗନ୍ନାଥ ସାହୁ, ପ୍ରଦୀପ ମହାପାତ୍ର, ଅରବିନ୍ଦ ମହାପାତ୍ର, ବିଷ୍ଣୁ ଚରଣ ହୋତା, ସନ୍ତୋଷ ମିଶ୍ର, ଉଗ୍ରସେନ ପ୍ରଧାନ, ଭୃଙ୍ଗୁରାଜ ଦୁଗାଲ, କର୍ଣ୍ଣ କହଁର, ପ୍ରତାପ ମଲ୍ଲିକ, ବିପିନ ଚନ୍ଦ୍ର ପାତ୍ର, ସନ୍ତୋଷ ସାମନ୍ତରାୟ, ସଚିନ୍ଦ୍ର ଦିଗାଳ,ଶାନ୍ତନୁ ଦିଗାଳ, ଗୁପ୍ତେଶ୍ୱର ଦିଗାଲ, ରବିନାରାୟଣ ସାହୁ ସମେତ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସ୍ୱଚ୍ଛତା ହିଁ ସେବା ଓ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ ,୨/୧୧ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଫୁଲବାଣୀ ଆନୁକୂଲ୍ୟରେ କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକ ଅନ୍ତର୍ଗତ ଶଙ୍କରାଖୋଲ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ହିଁ ସେବା ଏବଂ ଏକକ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହାର ପ୍ରାକ ପ୍ରଚାର ଅବସରରେ ପୂର୍ବଦିନ ଶଙ୍କରାଖୋଲ ବଜାରକୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ସଫେଇ କରିଥିଲେ ଏବଂ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମଟି ଏକ ଜନ ସଚେତନତା ପଦଯାତ୍ରାରୁ ଆରମ୍ଭ ହୋଇଥିଲା । ଏଥିରେ ଶ୍ରୀମତୀ ଜାନକୀ ପ୍ରଧାନ, ସ୍ଥାନୀୟ ସରପଂଚ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଅନୀଲ କୁମାର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚକାପାଦ ବ୍ଲକ ମୁଖ୍ୟ ଅତିଥି ଭାବରେ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଶ୍ରୀମତୀ ପ୍ରତିମା ପ୍ରଧାନ, ସିଡ଼ିପିଓ, ଚକାପାଦ ବ୍ଲକ, ବସନ୍ତ କୁମାର ରଥ, ପ୍ରଧାନ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, ଶଙ୍କରାଖୋଲ ପ୍ରମୁଖ ଯୋଗଦେଇଥିଲେ । ରାଜ ପ୍ରସାଦ ନାୟକ, ଜିଲ୍ଲା ପରିମଳ ପରାମର୍ଶ ଦାତା ମୁଖ୍ୟବକ୍ତା ଭାବରେ ଯୋଗଦେଇ ସ୍ୱଚ୍ଛ ଭାରତ ୨ ର ବିଭିନ୍ନ ଦିଗ ଉପରେ ସଚେତନ କରାଇଥିଲେ । ସତ୍ୟନାରାୟଣ ନନ୍ଦ, କ୍ଷେତ୍ରୀୟ ପ୍ରଚାର ସହାୟକ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଆଂଚଳିକ ସଂଚାର ବ୍ୟୁରୋ, ଭୁବନେଶ୍ୱର ତରଫରୁ ବିମଳ କୁମାର ବିଶ୍ୱାଳ ମ୍ୟାଜିକ ପ୍ରଦର୍ଶନ କରିଥିଲେ । ପରିଶେଷରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । କୁମାରୀ ସତବନ୍ତି ଦିଗାଲ, ସ୍ଥାନୀୟ ସମାଜସେବୀ ଏଥିରେ ସହଯୋଗ କରିଥିଲେ ।

ଫୁଲବାଣୀରେ ଦୁର୍ନୀତି ନିବାରଣ ଦିବସ ପାଳିତ

କନ୍ଧମାଳ ,୨/୧୧ (ନି.ପ୍ର): ଫୁଲବାଣୀ ସାମ୍ବାଦିକ ଭବନ ଠାରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ଦୁର୍ନୀତି ନିବାରଣ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ନବୀନ କିଶୋର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜାଭିଏର କଲେଜର ଅଧକ୍ଷ ରବି ନାରାୟଣ ମିଶ୍ର, ଜିଲ୍ଲା ପ୍ରେସ୍ କ୍ଲବ, ଫୁଲବାଣୀର ସମ୍ପାଦକ ପ୍ରଶାନ୍ତ ବେହେରା, ସତ୍ୟସାଇ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଏବଂ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ସୋମବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ର ଛାତ୍ରୀ, ଯୁବକ ସଂଘର ସଭ୍ୟ ସଭ୍ୟା ଏବଂ ନେହରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଏବଂ ଅନ୍ୟମାନେ ଲୋକଙ୍କ ମାନସିକତାରେ ପରିବର୍ତନ ଆସିଲେ ହିଁ ଦେଶ ତଥା ରାଜ୍ୟ ଦୁର୍ନୀତି ମୁକ୍ତ ହେବ ବୋଲି କହିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶୁଭମ ସୁବୁଦ୍ଧି ପବ୍ଲିକ ସ୍କୁଲ ପ୍ରଥମ, ଶଙ୍କର ପାତ୍ର ପୋଲିସ ହାଇସ୍କୁଲ ଦ୍ୱିତୀୟ ଏବଂ ଶ୍ରୀନିବାସ ପାଢ଼ୀ ସରସ୍ୱତୀ ଶିଶୁ ମନ୍ଦିର ଫୁଲବାଣୀ ତୃତୀୟ ହୋଇଥିଲେ । ବୈଠକରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ର ଛାତ୍ରୀ, ମାନଙ୍କୁ ସ୍ୱାଗତ କରିଥିବା ବେଳେ ମେଘାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ପିସ୍ତଲ ଜବତ: ୨ ଲୁଟେରା ଗିରଫ

ଗଞ୍ଜାମ ,୨/୧୧ (ନି.ପ୍ର): ଦୁଇ କୁଖ୍ୟାତ ଲୁଟେରାଙ୍କୁ ଆଜି କାବୁ କରି କୋର୍ଟଚାଲାଣ କରିଛି ଗଞ୍ଜାମ ଜିଲ୍ଲା କୋଦଳା ପୋଲିସ । ଗତ ୧୨ ଡିସେମ୍ବର ୨୦୨୧ ରେ ଅଙ୍ଗାର ଗାଁ ନୂଆଗଡ଼ ମୁଖ୍ୟ ରାସ୍ତାରେ ଉଭୟ ରାହାଜାନି କରି ଲୁଟ୍ କରିଥିବା ଅଭିଯୋଗରେ ଉଭୟଙ୍କୁ ଗିରଫ କରାଯାଇଥିବା କହିଛନ୍ତି କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁ । ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ଗତ ଡିସେମ୍ବର ୧୨ ତାରିଖରେ ୩ ଅଭିଯୁକ୍ତ ଲୁଟେରା ଜଣେ ପୂର୍ବତନ ସେନା କର୍ମଚାରୀଙ୍କ ମୁଣ୍ଡରେ ଆଘାତ କରି ତାଙ୍କଠାରୁ ବନ୍ଧୁକ ମୁନରେ ୧୦ ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଥିଲେ । ପୂର୍ବତନ ସେନା କର୍ମଚାରୀ ୫୬ ବର୍ଷୀୟ ପୁଷ୍ପ ପ୍ରକାଶ ବେହେରା ଅଙ୍ଗାର ଗାଁ ଠାରୁ ନିଜ ଘର ହୁମାକୁ ଫେରୁଥିବା ବେଳେ ତାଙ୍କୁ ୩ ଜଣ ଲୁଟେରା ନୂଆଗଡ଼ ମୁଖ୍ୟ ରାସ୍ତାରେ ଅଟକାଇ ଗୁଳି ଚାଳନା କରିଥିଲେ । ପୁଷ୍ପ ପ୍ରକାଶ ଲୁଟେରାଙ୍କ ସହ ସଂଘର୍ଷ କରିଥିଲେ । ଶେଷରେ ତାଙ୍କ ମୁଣ୍ଡରେ ଆଘାତ କରି ୧୦ ହଜାର ଟଙ୍କା ଲୁଟି ନେଇଥିଲେ ଲୁଟେରା । ଗିରଫ ୨ ଅଭିଯୁକ୍ତ ହେଲେ ବେଗୁନିଆପଡ଼ା ଫାଣ୍ଡି ଅନ୍ତର୍ଗତ ମୁଣ୍ଡୁଳା ଗ୍ରାମର ୩୭ ବର୍ଷୀୟ ରାଜେନ୍ଦ୍ର ପ୍ରଧାନ ଓ ୨୧ ବର୍ଷୀୟ ଅନାଥ ମୁନି । ଉଭୟଙ୍କ ଠାରୁ ଗୋଟିଏ ଦେଶୀ ପିସ୍ତଲ, ୨ ଟି ଗୁଳି, ୧୦ ହଜାର ଟଙ୍କା ଜବତ ହୋଇଛି । ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଥିବା ବେଳେ ତାକୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି ।

ଜିଲ୍ଲାସ୍ତରୀୟ ୭୧ତମ ଗୋ-ସମ୍ବର୍ଦ୍ଧନା ଉତ୍ସବ

ଭବାନୀପାଟଣା ,୨/୧୧ (ନି.

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଗୁରୁବାର,୩ ନଭେମ୍ବର, ୨୦୨୨

ବ୍ରେନଷ୍ଟ୍ରୋକ୍: କାରଣ, ଲକ୍ଷଣ ଓ ଚିକିତ୍ସା

ମସ୍ତିଷ୍କକୁ ଆମ ଶରୀରର କଣ୍ଟ୍ରୋଲ ରୁମ୍ ବୋଲି କୁହାଯାଏ । ଏହା ଅନବରତ କାମ କରିବା ସହିତ ଶରୀରର ସମସ୍ତ ଅଙ୍ଗକୁ ନିୟନ୍ତ୍ରଣ କରିଥାଏ । ମାତ୍ର, ଯେତେବେଳେ ମସ୍ତିଷ୍କକୁ ନିଜ କାମ କରିବା ପାଇଁ ମସ୍ତିଷ୍କ ଭିତରେ ଥିବା ଧମନୀରେ ଆବଶ୍ୟକ ହେଉଥିବା ରକ୍ତ ଓ ଅମ୍ଳଜାନ ମିଳେ ନାହିଁ ତାହାକୁ ବ୍ରେନଷ୍ଟ୍ରୋକ୍ କୁହାଯାଏ । ମସ୍ତିଷ୍କ ଭିତରେ ରକ୍ତ ପ୍ରଭାବ ଠିକ୍ ଭାବରେ ନ ହେଲେ ମିନିଟ୍‌କୁ ୨ ଲକ୍ଷରୁ ଅଧିକ ସେଲ୍ ମସ୍ତିଷ୍କ ଭିତରେ ମରିବାକୁ ଲାଗେ । ଫଳରେ ରୋଗୀର ଜୀବନ ପ୍ରତି ମଧ୍ୟ ବିପଦ ଥାଏ । ଚିକିତ୍ସା ବିଜ୍ଞାନରେ ବ୍ରେନଷ୍ଟ୍ରୋକ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ପ୍ରଥମଟି ହେଲା ଇସ୍‌କେମିକ୍ ଷ୍ଟ୍ରୋକ୍ ଆଉ ଅନ୍ୟ ଟି ହେଲା ହେମୋରେଜିକ୍ ଷ୍ଟ୍ରୋକ୍ । ବ୍ରେନ୍ ?କୁ ରକ୍ତ ପ୍ରଭାବ ବନ୍ଦ ହୋଇଗଲେ ତାହାକୁ ଇସ୍‌କେମିକ୍ ଷ୍ଟ୍ରୋକ୍ କୁହାଯାଏ ଏବଂ ବ୍ରେନ ଭିତରେ ଥିବା ଧମନୀଗୁଡ଼ିକ ଫାଟି ଯାଇ ରକ୍ତ ଜମିବା ଫଳରେ ହେଉଥିବା ଷ୍ଟ୍ରୋକ୍‌କୁ ହେମୋରେଜିକ ଷ୍ଟ୍ରୋକ୍ କୁହାଯାଏ ।

କେଉଁମାନଙ୍କୁ ହେବାର ସମ୍ଭାବନା ଅଧିକ

ଆଜିକାଲିର ସହରୀ ଜୀବନଶୈଳୀରେ ଅମ ଭିତରୁ କାହାକୁ ବି କେତେବେଳେ ବି ବ୍ରେନଷ୍ଟ୍ରୋକ୍ ହୋଇପାରେ । ତେବେ ଯେଉଁ ମାନଙ୍କର ମଧୁମେହ, ଉଚ୍ଚ ରକ୍ତଚାପ, ରକ୍ତରେ କୋଲେଷ୍ଟ୍ରୋରଲ ସମସ୍ୟା ଅଛି ଏବଂ ଏହାକୁ ନିୟନ୍ତ୍ରଣରେ ରହିବା ପାଇଁ ନିୟମିତ ଔଷଧ ଖାଆନ୍ତି ନାହିଁ ସେମାନଙ୍କୁ ବ୍ରେନଷ୍ଟ୍ରୋକ୍ ହେବାର ସମ୍ଭାବନା ଅଧିକ ଥାଏ । ଏହା ବୟସ୍କ ବ୍ୟକ୍ତି, ଅତ୍ୟଧିକ ମୋଟା ବ୍ୟକ୍ତି, ନିୟମିତ ଧୂମପାନ କିମ୍ବା ମଦ୍ୟପାନ କରିଲେ, ଅଧିକ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇଲେ ଏବଂ ଆଦୌ ଶାରୀରିକ ପରିଶ୍ରମ ନ କଲେ ବ୍ରେନଷ୍ଟ୍ରୋକ୍ ହେବାର ସମ୍ଭାବନା ଅଧିକ ରହିଛି । ଏହାଛଡ଼ା ପରିବାରରେ କାହାକୁ ଏହି ସମସ୍ୟା ଥିଲେ, ଜନ୍ମଗତ ତ୍ରୁଟି, ବ୍ରେନ୍ ଭିତରେ ଥିବା ସ୍ନାୟୁଗୁଡ଼ିକରେ କୌଣସି ଅସୁବିଧା ଥିଲେ, ବ୍ରେନ୍ ଭିତରେ କୌଣସି ସଂକ୍ରମଣ ଥିଲେ ମଧ୍ୟ ବ୍ରେନଷ୍ଟ୍ରୋକ୍ ହୋଇପାରେ ।

ଲକ୍ଷଣ

ବ୍ରେନଷ୍ଟ୍ରୋକ୍‌ର ଲକ୍ଷଣ ଜାଣିବାର ସବୁଠାରୁ ସହଜ ଉପାୟ ହେଉଛି FAST

F- Facial Weakness- କଥା କହିବା ବେଳେ ପାଟି ଖନି ମାରିଥାଏ କିମ୍ବା କଥା ପରିଷ୍କାର ହୋଇନଥାଏ

A- Arm Weakness- ହାତ ଦୁର୍ବଳ ଲାଗେ କିମ୍ବା ହାତ ବଧିରା ହୋଇଯାଏ

S- Speech Problem- ଠିକ୍ ଭାବରେ କହି ହୁଏ ନାହିଁ

T- Time –ସମୟ ନଷ୍ଟ ନକରି ତୁରନ୍ତ ଡାକ୍ତରଙ୍କ ପରାର୍ମଶ ନେବା ଉଚିତ୍ ଏହା ବ୍ୟତୀତ ମୁଣ୍ଡବ୍ୟଥା ହେଲେ, ହଠାତ୍ ମୁଣ୍ଡ ବୁଲେଇ ହେଲେ, ଆଖି ଆଗରେ ଅନ୍ଧାର ଦେଖା ଦେଲେ ଧୀରେ ଧୀରେ ସ୍ମରଣଶକ୍ତି କମିଗଲେ ବା ଅପସ୍ମାର ବାତ ମାରିଲେ ଏହା ବ୍ରେନଷ୍ଟ୍ରୋକ୍‌ର ଲକ୍ଷଣ ହୋଇପରେ ।

ଡାକ୍ତରୀ ପରୀକ୍ଷା

ବ୍ରେନଷ୍ଟ୍ରୋକ୍ ହେଲେ ଆଦୌ ସମୟ ନଷ୍ଟ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସିଟିସ୍କାନ ଏବଂ ଆବଶ୍ୟକ ହେଲେ ଏମ୍‌ଆଓିଆଇ ସ୍କାନ କରିବାକୁ ପଡ଼ିଥାଏ । ଏହା ଦ୍ୱାରା ମସ୍ତିସ୍କ ଭିତରେ କେଉଁ ସ୍ଥାନରେ ସମସ୍ୟା ହେଇଛି ଏବଂ ଏହା କେଉଁ ପ୍ରକାରର ଷ୍ଟ୍ରୋକ୍ ତାହା ଜଣାପଡ଼ିଥାଏ । ଏହା ବ୍ୟତୀତ ଚିକିତ୍ସା ଆରମ୍ଭ କରିବା ପାଇଁ କିଛି ରକ୍ତ ପରୀକ୍ଷା କରିବା ସହିତ କିଡ୍‌ନୀ ଓ ଲିଭର ପରୀକ୍ଷା, ରକ୍ତଶର୍କରା, ଲିପିଡ୍‌ପ୍ରୋଫାଇଲ ଇତ୍ୟାଦି କରିବାକୁ ପଡ଼ିଥାଏ ।

ଚିକିତ୍ସା ପଦ୍ଧତି

ବ୍ରେନଷ୍ଟ୍ରୋକ୍ ହେବାର ପ୍ରଥମ ସାଢ଼େ ୪ ଘଣ୍ଟା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ସଠିକ୍ ଚିକିତ୍ସା ଆରମ୍ଭ କଲେ ସଫଳତା ମିଳିଥାଏ । ଏହି ସମୟରେ ଇସ୍‌କେମିକ୍ ଷ୍ଟ୍ରୋକ୍ ପାଇଁ ସାଧାରଣତଃ ଥ୍ରମ୍ବୋଲାୟସିସ୍ ସାହାଯ୍ୟରେ ଚିକିତ୍ସା ଆରମ୍ଭ କରାଯାଇଥାଏ । ଏହି ଚିକିତ୍ସା ପଦ୍ଧତିରେ ମସ୍ତିସ୍କ ଭିତରେ ରକ୍ତ ପ୍ରଭାବରେ କୌଣସି ବାଧା ସୃଷ୍ଟି ହୋଇଥିଲେ ଇନ୍‌ଜେକସନ୍ ସାହାଯ୍ୟରେ ବ୍ଲକେଜ ପରିଷ୍କାର କରାଯାଇଥାଏ । ଠିକ୍ ସେହିପରି ମସ୍ତିସ୍କ ଭିତରେ ହେମୋରେଜିକ୍ ଷ୍ଟ୍ରୋକ୍ ହୋଇଥିଲେ ସ୍ନାୟୁଶଲ୍ୟ ବିଭାଗ ଥିବା ମେଡିକାଲରେ ଚିକିତ୍ସା କରାଇବା ଉଚିତ୍ । ବ୍ରେନଷ୍ଟ୍ରୋକ୍ ହେବା ପରେ ପ୍ରତି ସେକେଣ୍ଡ ବେଶ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହି ସମୟରେ ଆଦୌ ସମୟ ନଷ୍ଟ କରନ୍ତୁ ନାହିଁ । ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଆରମ୍ଭ କରନ୍ତୁ । ବ୍ରେନଷ୍ଟ୍ରୋକ୍ ଭଳି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କର ଏକ ପାଖ କିମ୍ବା ଦୁଇ ପାଖ ହାତଗୋଡ଼ର ବଳ କମିଯାଇ ଥାଏ । ସେଥିପାଇଁ ଏହି ରୋଗୀମାନଙ୍କୁ ନିୟମିତ ଫିଜିଓଥେରାପି ଚିକିତ୍ସା କରାଇବାର ଆବଶ୍ୟକ ରହିଛି । ପରିବାର ଲୋକମାନେ ଫିଜିଓଥେରାପି ବ୍ୟାୟାମକୁ ଶିଖି ନିୟମିତ ରୋଗୀଙ୍କ ଠାରେ କରିବା ଫଳରେ ଅନେକ ସୁଫଳ ମିଳିଥାଏ ।

ପ୍ରତିକାର

୧. ମଧୁମେହ, ଉଚ୍ଚ ରକ୍ତଚାପ ଓ କୋଲେଷ୍ଟ୍ରରଲ ନିୟମିତ ପରୀକ୍ଷା କରନ୍ତୁ ଏବଂ ନିୟନ୍ତ୍ରଣ କରନ୍ତୁ

୨. ଡାକ୍ତର ଲେଖିଥିବା ଔଷଧକୁ ନିୟମିତ ସେବନ କରନ୍ତୁ

୩. ନିୟମିତ ବ୍ୟାୟାମ କରନ୍ତୁ

୪. ଖାଇବା ବେଳେ ଅଧିକ ସବୁଜ ପନିପରିବା ଓ ଫଳ ଖାଆନ୍ତୁ

୫. ଅଧିକ ତେଲ ମସଲା ଯୁକ୍ତଖାଦ୍ୟ ଓ ଫାଷ୍ଟଫୁଡ୍ ଖାଆନ୍ତୁ ନାହିଁ

୬. ତମାଖୁ ସେବନ, ଧୂମପାନ ଓ ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ

ବିରଳ ଏଣ୍ଟୁଅ ସଂରକ୍ଷଣ

ମେକସିକୋର ରେମନ ମେଡିନା ଆରଚୁନଡାୟା ଗତ ପଞ୍ଚଚାଳିଶ ବର୍ଷ ହେଲା ମେକ୍ସିକାନ ଇଗୁଆନାଙ୍କ ସଂରକ୍ଷଣରେ ଲାଗିଛନ୍ତି । ମେକ୍ସିକାନ ଇଗୁଆନା ବିଲୁପ୍ତି ମୁହଁରେ ଥିବା ସ୍ଥାନୀୟ ଏଣ୍ଟୁଅ ପ୍ରଜାତି । ଏକଦା ମେକସିକୋର ବିଭିନ୍ନ ଅଞ୍ଚଳରେ ଏହି ପ୍ରଜାତିର ଏଣ୍ଟୁଅ ବହୁ ସଂଖ୍ୟାରେ ଦେଖାଯାଉଥିଲା । ତେବେ, ଅବାଧ ଶିକାର ଯୋଗୁଁ ସଂଖ୍ୟା ଦ୍ରୁତି ଗତିରେ ହ୍ରାସ ପାଇଥିଲା । ଶିକାରର ମୁଖ୍ୟ କାରଣ , ଏହି ଏଣ୍ଟୁଅ ଏକ ବିନିଷ୍ଟକାରୀ ସରୀସୃପ । ଉପକାରୀ ଗଛ-ଲତା ଫଳ-ଫୁଲ ନଷ୍ଟ କରିବାଠାରୁ ଆରମ୍ଭ କରି ଗୃହପାଳିତ ପକ୍ଷୀଙ୍କ ଅଣ୍ଡା ଖାଇଦେବା ତଥା ବିଦ୍ୟୁତ୍ କେବଲ କାଟିବା ପାଇଁ ଏହା କୁଖ୍ୟାତ । ବିଲୁପ୍ତି ମୁହଁରେ ଥିବାରୁ ଏବେ ଶିକାର ନିଷିଦ୍ଧ କରାଯାଇଛି । ରେମନଙ୍କ ଉନ୍ୟମ ଯୋଗୁଁ ଏହି ଏଣ୍ଟୁଅଙ୍କ ପାଇଁ ଏକ ଅଭୟାରଣ୍ୟ ସୃଷ୍ଟି କରିଛନ୍ତି । ଏକଦା ଦୁର୍ଦ୍ଦଶାଗ୍ରସ୍ତ ଦୁଇଟି ଏଣ୍ଟୁଅ ଦେଖି ସେ ସଂରକ୍ଷଣ ପାଇଁ ଆଗ୍ରହୀ ହୋଇଥିଲେ । ଏହି କାର୍ଯ୍ୟରେ ପ୍ରଥମେ ସହଯୋଗ କରିଥିଲେ, ତାଙ୍କ ପିତା; ପରେ ପରିବାରର ଅନ୍ୟମାନେ ଏତେ ସଂଖ୍ୟକ ଏଣ୍ଟୁଅଙ୍କ ପାଳନ କିଛି ସାମାନ୍ୟ କଥା ନୁହେଁ । ଏହି ଶାକାହାରୀ ସରୀସୃପଙ୍କ ପାଇଁ ନୈନିକ ଲୋଡ଼ା ଅନ୍ୟୂନ ୧୫୦ କିଲୋଗ୍ରମ ପାଚିଲାଫଳ ।

କ୍ୟାନ୍ସର ରୋକିପାରେ କିସ୍‌ମିସ୍ !

ଦୈନନ୍ଦିନ ଜୀବନରେ କିସ୍‌ମିସ୍‌ର ସେବନ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି କୁହାଯାଇଛି । ଅନେକ ଲୋକ କାଜୁ ଓ କିସ୍‌ମିସ ଭଳି ଡ୍ରାଏଫ୍ରୁଟସ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି । କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥରେ କିସମିସ୍‌ର ମିଶ୍ରଣ ଏହାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । କିସମିସ୍ ଫାଇବରର ସର୍ବୋତ୍ତମ ଉତ୍ସ ଏବଂ ଏହା ହଜମ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିଥାଏ । ଏଥିରେ ଟାର୍ଟାରିକ୍ ଏସିଡ୍ ମଧ୍ୟ ରହିଥାଏ ଯାହା ପେଟ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ । ଅନୁସନ୍ଧାନରୁ ଜଣାପଡିଛି ଯେ କିସମିସରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନ୍ତନଳୀ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ । ଏହା ଆପଣଙ୍କ ଅନ୍ତନଳୀରେ ବ୍ୟାକ୍ଟେରିଆର ସନ୍ତୁଳନକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।

କିସମିସ୍ ଆଇରନ୍ ସ୍ତରକୁ ବଢାଇଥାଏ ଏବଂ ହାଡକୁ ଶକ୍ତିଶାଳୀ ରଖିବାରେ ସାହାଯ୍ୟ କରିଥାଏ । ଗୋଟିଏ ଦିନରେ ପ୍ରାୟ ୩୦ରୁ ୪୦ ଗ୍ରାମ କିସମିସ୍ ଖାଇବା ଶରୀର ପାଇଁ ଉପଯୋଗୀ ହୋଇଥାଏ । ଅନ୍ୟପକ୍ଷରେ, ଅଧିକ ମାତ୍ରାରେ କିସମିସ୍ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଖରାପ ହୋଇପାରେ ବୋଲି ଡାକ୍ତରମାନେ ମତ ଦେଇଛନ୍ତି । ଅନ୍ୟ ପୋଷକ ତତ୍ତ୍ୱକୁ ଅବଶୋଷିତ କରିବାରେ କିସ୍‌ମିସ୍‌ର କ୍ଷମତା ଥିବାରୁ କ୍ୟାନସରଜନିତ ରୋଗ ରୋକିବାରେ ଏହା ସହାୟକ ହୋଇଥାଏ ବୋଲି ଅନୁସନ୍ଧାନକାରୀମାନେ ଜାଣିପାରିଛନ୍ତି ।

ବ୍ୟାନ୍

■ ଜାପାନରେ ନାଇଟ ଲାଇଫ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ହେଲେ ରାତିରେ ଡ୍ୟାନ୍ସ ମନା । ୧୯୪୮ ମସିହାରୁ ଜାପାନର ନାଇଟ କ୍ଲବରେ ଡ୍ୟାନ୍ସ ସମ୍ପୂର୍ଣ୍ଣ ବ୍ୟାନ୍ ।

■ କିଣ୍ଡର ଜୟ କିମ୍ବା କିଣ୍ଡର ସରପ୍ରାଇଜ ଏଗ୍ ପିଲାମାନଙ୍କୁ ଭାରି ପସନ୍ଦ । କିନ୍ତୁ ଆମେରିକାରେ କିଣ୍ଡର ଜୟ ସମ୍ପୂର୍ଣ୍ଣ ବ୍ୟାନ୍ । ଯଦି ଆମେରିକାରେ କାହାଠାରୁ କିଣ୍ଡର ଏଗ୍ ମିଳେ ତ ତାଙ୍କଠାରୁ ଜରିମାନା ବାବଦକୁ ୨,୫୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାର ଏକଲକ୍ଷ ୬୬ହଜାର ଟଙ୍କା ଆଦାୟ କରାଯାଏ । ଏହି ଚକୋଲେଟ୍‌ଟି ଏଗରେ ସରପ୍ରାଇଜ ଟୟ ରହିଥାଏ । ଏହା ପିଲାମାନଙ୍କ ତଣ୍ଟିରେ ଲାଗିଯିବା ଭୟରେ ଏହା ଉପରେ ବ୍ୟାନ ଲଗାଯାଇଛି ।

ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ୍ୟ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ । ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବାବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ଡାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ୍ୟ କରିପାରିଥାନ୍ତି ।

ଉଠ୍ ବସହେବା ଉପକାରୀ

ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ । ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ୍ୟ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତ୍ରିତକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ । ମନ ଶାନ୍ତ ରହେ, ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବଢ଼େ । ବିଦେଶରେ ଏବେ ଏହା ସୁପର ବ୍ରେନ ଯୋଗ ନାମରେ ଲୋକପ୍ରିୟ ଲୋକେ ମସ୍ତିଷ୍କକୁ ଶାନ୍ତ ରଖିବା ଲାଗି ଉଠବସ ହେଉଛନ୍ତି ।

ଅତି ଉପାଦେୟ ଓଟ କ୍ଷୀର: ଛିଣ୍ଡେନାହିଁ କି ସହଜରେ ବସେ ନାହିଁ

ଶିଶୁ ପାଇଁ ମା'କ୍ଷୀର ସର୍ବଦା ସର୍ବୋତ୍କୃଷ୍ଟ ତଥା ଅତୁଳନୀୟ ହୋଇଥିବା ବେଳେ ବିକଳ୍ପ ଭାବେ ଗାଈ, ଛେଳି, ମଇଁଷି ଓ ଓଟ ପରି ବିଭିନ୍ନ ସ୍ତନ୍ୟପାୟୀମାନଙ୍କର କ୍ଷୀର ମଧ୍ୟ ବ୍ୟବହୃତ ହେଉଛି । ତେବେ ସୀମିତ ଅଞ୍ଚଳରେ ଉପଲବ୍ଧ ଓଟ କ୍ଷୀରର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । କାରଣ ଗାଈ କ୍ଷୀର ତୁଳନାରେ ଓଟ କ୍ଷୀରରେ ତିନିଗୁଣା ଅଧିକ ଭିଟାମିନ୍ ସି' ଓ ୧୦ ଗୁଣା ଅଧିକ ଲୌହସାର ରହିଛି । ସେହିପରି ଏଥିରେ ଅଧିକ ପରିମାଣର ଅନ୍‌ସାଚୁରେଟେଡ୍ ଫ୍ୟାଟି ଏସିଡ୍ ରହିଛି । ଅପରପକ୍ଷେ, ଓଟକ୍ଷୀରରେ କମ୍ ପରିମାଣର ଭିଟାମିନ୍ ଏ' ଓ ଭିଟାମିନ୍ ବି୨' ରହିଛି । ତେବେ ଏହି କ୍ଷୀରର ଆଉ ଏକ ବିଶେଷ ଗୁଣ ହେଲା, ଏହା ଆଦୌ ଛିଣ୍ଡେନାହିଁ । ସାଧାରଣତଃ କ୍ଷୀର ଛିଣ୍ଡିବା ଏକ ପ୍ରାକୃତିକ ପ୍ରକ୍ରିୟା ।

ଏଥିରେ ବୀଜାଣୁମାନଙ୍କ ବିଘଟନ ଯୋଗୁଁ କ୍ଷୀର ଦହିରେ ପରିଣତ ହୋଇଥାଏ । ମାତ୍ର ଅନ୍ୟମାନଙ୍କ କ୍ଷୀରଠାରୁ ଭିନ୍ନ ଥିବା ଓଟ କ୍ଷୀର ଆଦୌ ଛିଣ୍ଡେନାହିଁ । କାରଣ ଏହି ସ୍ୱତନ୍ତ୍ର ଧରଣର କ୍ଷୀରର ରାସାୟନିକ ଗଠନ ହିଁ ଏହାକୁ ଏପରି ବିଶେଷ ଗୁଣର କରିଥାଏ । ଏଥିରେ ରହିଥିବା କ୍ୟାସିନ୍ ମିସେଲସ୍ ଓ କ୍ୟାଲସିଅମ୍ ପରି ଯୌଗିକର ମିଶ୍ରଣରୁ ସୃଷ୍ଟ ରାସାୟନିକ ଗଠନ ଯୋଗୁଁ ଓଟକ୍ଷୀର ଛିଣ୍ଡେନାହିଁ କି ସହଜରେ ବସେନାହିଁ । ସେହିପରି ଏଥିରୁ ଛେନା ତିଆରି କରିବା ମଧ୍ୟ ଆହୁରି କଷ୍ଟକର । ତେବେ ଓଟ କ୍ଷୀରରେ ରହିଥିବା ପୁଷ୍ଟିସାର ଓ ଏହାର ସୀମିତ ଜମାଟ ବାନ୍ଧିବା ଗୁଣ ମଧୁମେହ-୧ ରୋଗୀଙ୍କ ପାଇଁ ଖୁବ୍ ? ମଙ୍ଗଳକରୀ । ଅଧିକ ସମୟ ଫ୍ରିଜ୍ ?ରେ ରହିଲେ ଗାଈ କ୍ଷୀର ଯେପରି ପିତା ହୋଇଯାଏ, ଓଟ କ୍ଷୀର ସେପରି ପିତା ଲାଗେ ନାହିଁ ଏବଂ ଓଟର ବସବାସ ଅଞ୍ଚଳ ମରୁଭୂମିରେ ଉଚ୍ଚ ତାପମାତ୍ରାର ପ୍ରଭାବ ଯୋଗୁଁ ଏହାର କ୍ଷୀର ଶୀଘ୍ର ନଷ୍ଟ ହୁଏନାହିଁ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୩ ନଭେମ୍ବର ୨୦୨୨, ଗୁରୁବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ପ୍ରଦୂଷଣ ସମସ୍ୟା...

ବିଶ୍ୱ ପରିବେଶ ସୁରକ୍ଷା ବିଷୟରେ ବହୁ ଚର୍ଚ୍ଚା ହେଉଛି । କିନ୍ତୁ ପ୍ରଦୂଷଣ ନିୟନ୍ତ୍ରଣ ବିଷୟରେ କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ । କେଉଁଠି ମାସ ମାସ ଧରି ଜଙ୍ଗଲ ପୋଡ଼ି ହେଉଛି ତ ଆଉ କେଉଁଠି ଦିଲ୍ଲୀ ଭଳି ପଞ୍ଜାବ-ହରିଆଣା ପଟୁ ପ୍ରବାହିତ ହେଉଛି ନିଆଁ-ପବନ, ଗରମ ପବନ ଓ ପାଳପୋଡ଼ା ଧୂଆଁ । ଏହା ଏବର କଥା ନୁହେଁ, କେଇବର୍ଷ ହେଲା ଜନଜୀବନକୁ ଅତିଷ୍ଠା କରିଦେଲାଣି । ଅଣନିଶ୍ୱାସୀ ହୋଇ ଦିଲ୍ଲୀବାସିନ୍ଦା କଷ୍ଟ ପାଉଛନ୍ତି । ପଞ୍ଜାବ ଓ ହରିଆଣା ଭଳି ରାଜ୍ୟରେ କଟାଧାନ ଓ ଗହମର ଅବଶିଷ୍ଟ ଅଂଶରେ ନିଆଁ ଲଗାଇ ଦିଆଯାଇ ଜନସାଧାରଣଙ୍କୁ ଅସହ୍ୟ କଷ୍ଟ ଦେଉଛନ୍ତି । ପ୍ରତିବର୍ଷ ବାୟୁ ପ୍ରଦୂଷଣ ସୀମାତିରିକ୍ତ ହୋଇପଡ଼ିଲାଣି । ଦିଲ୍ଲୀର ଏୟାର କ୍ୱାଲିଟି କଣ୍ଟ୍ରୋଲ ଅତ୍ୟଧିକ ଆଲାମ୍ୟ ସ୍ତରକୁ ଖସିଗଲାଣି । ସୋମବାର ସନ୍ଧ୍ୟା ବେଳକୁ ସେଣ୍ଟ୍ରାଲ ପଲ୍ଲୁସନ କଣ୍ଟ୍ରୋଲ ବୋର୍ଡ ଦ୍ୱାରା ପ୍ରକାଶିତ ବାୟୁ ପ୍ରଦୂଷଣ ସ୍ତର ୩୯୩ (ଅତ୍ୟନ୍ତ କଦର୍ଯ୍ୟ ସ୍ତରକୁ) ଚାଲିଆସିଥିବା ସୂଚିତ ହୋଇଛି । ଏୟାର କ୍ୱାଲିଟି ସ୍ତର ଯଦି ୩୦୧ରୁ ୪୦୦ ପର୍ଯ୍ୟନ୍ତ ହୋଇଥାଏ, ତାହାକୁ ଉତ୍କୃଟ ଏବଂ ୪୦୧ରୁ ୫୦୦ ପର୍ଯ୍ୟନ୍ତ ଥିଲେ ମାତ୍ରାଧିକ ଉତ୍କୃଟ ବୋଲି କୁହାଯାଇଥାଏ ଘଣ୍ଟାକୁ ଘଣ୍ଟା ଏହାର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ପଞ୍ଜାବ ଓ ହରିଆଣାରେ ଉତ୍ପନ୍ନ ହେଉଥିବା ଚାଷଜମିର ନିଆଁ ଓ ଧୂଆଁ ବାୟୁର ସ୍ତରକୁ ଅଧିକ ପ୍ରଦୂଷଣ କରିଦେଉଛି । ଏହା କେବଳ ଧୂଆଁ ନୁହେଁ, କୁହୁଡ଼ିମିଶା ଧୂଆଁ ହୋଇଥିବାରୁ ତାହାକୁ ସ୍ମର' କୁହାଯାଉଛି । ଦିଲ୍ଲୀରେ ଦୁଇଟି ରାଜ୍ୟରୁ ପବନରେ ଚାଲି ଆସିଥିବା ବିଷାକ୍ତ ବାୟୁ ରାଜଧାନୀ ବାସିନ୍ଦାଙ୍କ ଜୀବନକୁ ଅତିଷ୍ଠା କରିଦେଉଛି । ଶହ ଶହ ଶିଶୁ ଓ ବୟସ୍କ ଶ୍ୱାସ ରୋଗାକ୍ରାନ୍ତ ହୋଇ ଚିକିତ୍ସା ପାଉଛନ୍ତି । ପ୍ରଦୂଷଣ ସ୍ତର ବଢ଼ିଯିବାରୁ ରାଜ୍ୟରାଜ୍ୟ ପରସ୍ପରକୁ ଦୋଷ ଦିଆନିଆରେ ଲାଗିଛନ୍ତି । ମାତ୍ର ଷ୍ଟବଲ୍ ଫାୟାର ବନ୍ଦ କରିବାକୁ ପୋସ୍ କିଛି କରାଯାଉନାହିଁ । ସୋମବାର ଦିନ ପଞ୍ଜାବରେ ୨୧୩୧ଟି କୃଷି ଫାର୍ମରେ ଷ୍ଟବଲ୍ ଫାୟାର ହୋଇଥିଲା । ଚଳିତ ଋତୁରେ ଏହା ସର୍ବାଧିକ ଫାର୍ମ ପୋଡ଼ି । ଏହାର ମାତ୍ରା ଦିନକୁ ଦିନ ଅଧିକ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ୨୨% ଅଧିକ ଘନତ୍ୱ ପାଇଥିଲା । ଅନ୍ୟ ଏକ ଦିନରେ ୨୬%କୁ ତାହା ଛୁଇଁଥିଲା । ଏଭଳି ରେକର୍ଡ଼କୁ ଦେଖିଲା ବେଳକୁ ପ୍ରଶାସନର ଆକଟ ଆଦୌ କାମ ଦେଉନାହିଁ ବୋଲି ବୁଝାପଡ଼ିବ । ଅତୀତ ଦିନରେ କେଜରିୱାଲ ସରକାର କାର୍ ଭଳି ଯାତ୍ରୀ ପରିବହନ ମାଧ୍ୟମରେ ପାଳି କରି ଯିବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଉଥିଲା । ସେଥିରୁ କୁଚିତ ସୁଫଳ ମିଳିଥିବାର କୁହାଯାଉଥିଲା । ଏବେ ପଞ୍ଜାବ ଓ ଦିଲ୍ଲୀର ରାଜନୈତିକ ମାନଚିତ୍ରରେ ଆମ୍ ଆଦ୍‌ମି ପାର୍ଟିର ଉଦୟ ହୋଇଛି । ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ସ୍ଥିତି ସମ୍ଭାଳିବାରେ ଦକ୍ଷତା ପ୍ରଦର୍ଶନ ପାଇଁ ଦକ୍ଷତାର ପରୀକ୍ଷା ଦେଉଛନ୍ତି । ପଞ୍ଜାବ ଓ ହରିଆଣା ଭଳି ରାଜ୍ୟ କୃଷିଜୀବୀଙ୍କ କ୍ଷେତ୍ର । ଏକସମୟରେ କଟା ଶସ୍ୟ ମୂଳକୁ ପୋଡାଯାଇ ଉର୍ବର ଖତ ରୂପେ ବ୍ୟବହାର କରାଯିବା କଥା ଚିନ୍ତା କରାଯାଉଥିଲା । ନିଜେ ମୁଖ୍ୟମନ୍ତ୍ରୀ କେଜରିୱାଲ ସେ ବାବଦରେ ପରାମର୍ଶ ଦେଇଥିଲେ । ତାହା ପରୀକ୍ଷାମୂଳକ ହୋଇଥିଲା, କିନ୍ତୁ ପ୍ରତିବର୍ଷ ଚାଲିଆସିଥିବା ପାଳନିଆଁଜନିତ ପ୍ରଦୂଷଣ ବନ୍ଦ କରାଯିବା ଦୁରୂହ ବ୍ୟାପାର ହୋଇ ଦେଖାଦେଉଛି । ଦିଲ୍ଲୀ ହେଉଛି ଦେଶର ରାଜଧାନୀ, ଅଧିକନ୍ତୁ ଦେଶର ପ୍ରଶାସନ ଓ ରାଜନୀତିର କେନ୍ଦ୍ରବିନ୍ଦୁ । ରାଜ୍ୟ ବାହାରୁ ଲୋକମାନଙ୍କର ଚଳାଚଳ ସହିତ ସମସ୍ତ କ୍ଷେତ୍ରର ସ୍ନାୟୁକେନ୍ଦ୍ର ହୋଇଥିବାରୁ ପ୍ରଦୂଷଣଜନିତ ସମସ୍ୟା ସମସ୍ତଙ୍କୁ ଚିନ୍ତାରେ ପକାଇଛି । ପରସ୍ପର ପ୍ରତି ଦୋଷ ଲଦାଲଦିରେ ଏହି ଉତ୍କଟ ସମସ୍ୟାରୁ ମୁକ୍ତି ମିଳିପାରେ । ସେହିପରି କେହି ବି' ଦାୟିତ୍ୱକୁ ଏଡ଼ାଇଦେଇ ଯାଇନପାରନ୍ତି । କେନ୍ଦ୍ର ସରକାରଙ୍କର ଏ ବାବଦରେ ଦାୟିତ୍ୱ ବଢ଼ିଯାଇଛି ବୋଲି କହିହେବ । କେନ୍ଦ୍ର ସରକାରଙ୍କ ପରିବେଶ ନିୟନ୍ତ୍ରଣ ମନ୍ତ୍ରାଳୟ ପ୍ରଦୂଷଣ ବୃଦ୍ଧି ପାଇଁ ଦାୟୀ ସରକାରଙ୍କୁ କେବଳ ତାଗିଦ୍ କରି ମୂକ ଦର୍ଶକ ରୂପେ ବସିରହିଲେ ଚଳିବନାହିଁ । ପ୍ରଦୂଷଣ ଏକ ବୈଶିକ ସମସ୍ୟା ରପ ନେବାକୁ ବସିଲାଣି । ସମସ୍ତଙ୍କ ପାଇଁ ଏହା ବିଷମ ସମସ୍ୟା ହୋଇ ମୁଣ୍ଡ ଟେକିଥିବାରୁ ବିଶ୍ୱସ୍ତରରେ ଘନଘନ ବୈଠକ ହେଉଛି । ଜଙ୍ଗଲ ପୋଡ଼ି, ଭୂସ୍କଳନ, ବନ୍ୟାବାତ୍ୟା, ଭୂକମ୍ପ ଭଳି ବିପର୍ଯ୍ୟୟର ମୁଖ୍ୟ କାରଣ ସ୍ୱରୂପ ଯେତେ ଯାହା ଘଟୁଛି, ତାହାର ମୂଳ ହେତୁ ଭିତରେ ରହିଛି ପ୍ରଦୂଷଣ ସମସ୍ୟା । ପ୍ରକୃତି ବିଭିନ୍ନ ରୂପ ଓ ଅବତାର ନେଇ ମଣିଷ ଉପରେ ଦାଉ ସାଧୁଛି । ତାହା ସମୟ ସମୟକୁ ମଣିଷର ସାଧାତୀତ ହୋଇପଡୁଛି । ଏହି ଦାରୁଣ ପୃଷ୍ଠଭୂମିରେ ରାଜଧାନୀ ଦିଲ୍ଲୀ କଥା ବିଚାର କଲେ ନିରାଶ ଓ ହତାଶ ହେବାକୁ ପଡୁଛି ।

ମଧୁମୟ ଶୈଶବ

ବିଦ୍ୟାଳୟ ଆଜି ଦଣ୍ଡ ମୁକ୍ତ ଅଞ୍ଚଳରେ ରୂପାନ୍ତରିତ ହେଲାଣି । ଆଇନ କାନୁନ ଏମିତି ଅନେକ କିଛି । ଗାଁ ଚାଟଶାଳୀ ଆଜି ଇଂଲିଶ ମିଡିଅମ୍ ସ୍କୁଲ, ମାଟିର ସିଲଟ ଆଜି ମାର୍କର ହ୍ୱାଇଟ ବୋର୍ଡ ରେ ରୂପାନ୍ତରିତ ହୋଇସାରିଛି । ବହୁ ଶିକ୍ଷିତ ଅଛନ୍ତି କିନ୍ତୁ ଜ୍ଞାନୀଙ୍କ ସଂଖ୍ୟା କମ୍ । ଶୈଶବ ରେ ସ୍କୁଲ ଯିବାର ମଜା ବି ଥିଲା ଅଲଗା । ବସରେ ଛାଡ଼ିବା ପରମ୍ପରା ନଥିଲା । ଆଉ ବିଶେଷକରି ପୂର୍ବ ବର୍ଷ ପିଲାଙ୍କ ଠାରୁ ପୁରୁଣା ବହି କିଣି ସେଥିରେ ନୂଆ ମଲାଟ ପକେଇବା ବୋଧେ ବର୍ଷ କର ସବୁଠୁ ବଡ଼ କାମ ଥିଲା ।

ସାମ୍ପ୍ରତିକ ପରିସ୍ଥିତିରେ ମୋତେ ଯଦି କିଏ ପ୍ରଶ୍ନ କରେ ତାହେଲେ ମୁଁ ସ୍ଥିର ମନ ଚିତ୍ତରେ ତଥା ସୁସ୍ଥ ମସ୍ତିଷ୍କ ରେ କହିବି ଯେ ଶୈଶବ ସମୟ ଥିଲା ମଧୁମୟ । ନବେ ଦଶକର ଶେଷ ଭାଗରେ ମୋର ଶୈଶବ ଅବସ୍ଥା ଥିଲା । ଏବେ ଯୁବାବସ୍ଥାର ଶେଷ ପାହାଚରେ ଦଣ୍ଡାୟମାନ । ବର୍ତମାନ ଏବଂ ଅତୀତର ସମୟକୁ ମୁଁ ଅନେକ ଥର ସମୀକ୍ଷା କରିଛି । ପ୍ରତ୍ୟେକଥର ସେଇ ଏକ ଉତ୍ତର ପାଇଛି ତାହା ହେଲା ଶୈଶବ ମଧୁମୟ । ଅତୀତର ସ୍ମୃତି ଏବେ ବି ସତେଜ ଅଛି । ଅତୀତ ସବୁବେଳେ ଅତୀତ କିନ୍ତୁ ଅତୀତର ସ୍ମୃତି, ଅନୁଭୁତିକୁ ସାଇତି ରଖି ସାରା ଜୀବନ ବଞ୍ଚିବାକୁ ହୁଏ । ଏବେ ମଧ୍ୟ ବଞ୍ଚିଛି କିନ୍ତୁ ଆଜିକାଲି ବଞ୍ଚିବା ପାଇଁ ସଙ୍ଘର୍ଷ କରିବାକୁ ପଡୁଛି । ମନେ ହୁଏ ଫେରି ଆସନ୍ତା କି ସେ ଶୈଶବ ?

ପିଲାଦିନେ ଗାଁ ପଡ଼ିଆର କ୍ରିକେଟ, ଦାଣ୍ଡପିଣ୍ଡାର ତାସ ଖେଳ, କ୍ଲବ ଘରର କ୍ୟାରମ୍ ସନ୍ଧ୍ୟାବେଳର ଲୁଚକାଳି, କିତିକିତି, ଡାହୁ ପୁଆ, କବାଡି, ବାଡି ଡିଆଁ ର ମଜା ଥିଲା ସ୍ୱତନ୍ତ୍ର । ଖେଳ ବେଳେ ଜିତିବା ପାଇଁ ସଙ୍ଘର୍ଷ ଥିଲା କିନ୍ତୁ ଖେଳୁଆଡ ମନୋଭାବ ନେଇ ଖେଳୁଥିଲେ । ବିଜୟ ପରାଜୟ ଖେଳର ଦୁଇଟା ପାର୍ଶ୍ୱ କିନ୍ତୁ ଖେଳ ସମାପ୍ତ ପରେ ସମସ୍ତେ ରୁଣ୍ଡ ହୋଇ ଭୋଜି କରି ଖାଇବାର ମଜା ଥିଲା ନିଆରା । ଭେଦଭାବ ନଥିଲା, ଥିଲା କେବଳ ଏକତା । ସର୍ବ ଶେଷରେ ଆମେ ସମସ୍ତେ ଥିଲେ ସାଙ୍ଗ । ଗାଁ ଆମ୍ବ ତୋଟା ମେଳି, ଦୋଳି ପାଖେ ଗହଳି, ବୁଲାବିକାଳିର ଝିଲିମିଲି ମାଳି ଏବଂ ଖରା ଦିନେ ବୁଢ଼ୀ ବିକାଳିର ଜାମୁକୋଳି, ପିଲାଦିନ ଧୂଳି ଖେଳ, ସାଙ୍ଗସାଥି ମେଳରେ ଅନୁଭୁତି କେବେ ବି ଭୁଲବାର ନୁହେଁ । ଶୈଶବରେ ସମୟ ଥିଲା, ଖୁବ୍ ଉପଭୋଗ କରିଥିଲେ । ଅର୍ଥ ନଥିଲା କିନ୍ତୁ ମନ ଥିଲା । ବୋଉର ସେ ଆରିସା, ଚକୁଳି, ଗଇଁଠା, ପୋଡ଼ା ପିଠା, ବଡି ଚୁନା, ମାଛ ଭଜା, ଶାଗ ଭଜା, କଞ୍ଚା ଆମ୍ବ, ଲଙ୍କା ଗୁଣ୍ଡା ସହ ପଖାଳ କଂସା, କଇଁଆ ପତ୍ରର ଘୋଟ ପାଣି, ତାଳ ଗଜା ଖିଆ , ଆପଟ କଇଁଆ, କଣ୍ଡିଆର ବିରି ଛୁଇଁ, ଆଦି ସ୍ୱପ୍ନ ହୋଇଯାଇଛି । ସହରୀ ଜୀବନ ସାଙ୍ଗକୁ ଆଧୁନିକତାର ସ୍ପର୍ଶରେ ହଜିଯାଇଛି ସବୁକିଛି । ବୋଉର ହାତ ତିଆରି ଚକୁଳି ଆଜି ଦୋଷା ଏବଂ ମଣ୍ଡା ପିଠା ଆଜି ମୋମୋରେ ରୂପାନ୍ତରିତ ହୋଇଛି । ଆଧୁନିକତାର ଦ୍ୱାହି ଦେଇ ପଶ୍ଚାତ୍‌କୁ ଆମେ ଆଜି ଭୁଲି ଗଲେଣି । ପିଲାବେଳେ ମୁଁ ନିଜ ଅଙ୍ଗେ ନିଭେଇଛି ବାପାଙ୍କ ସାଙ୍ଗେ ପଖାଳ ଖାଇବାର ମଜା ।ପ୍ରତିଦିନ ପଖାଳ କଂସାର ମଜା ନେଉଥିଲି । ପଖାଳ ଥିଲା ଶୈଶବର ଆତ୍ମା । କିନ୍ତୁ ଏବେ ଏ ପଖାଳ ଯାଇ ପଖାଳ ଦିବସ ପାଳନ ହେଲାଣି । ଶୈଶବରେ ପ୍ରତ୍ୟେକ ଦିନ ମୁଁ ପାଳନ କରୁଥିଲି ପଖାଳ ଦିବସ । ଏଠି କିନ୍ତୁ ପଖାଳ ଦିବସକୁ ମନେ ରଖିବାକୁ ପଡେ କେବେ ପଖାଳ ଦିବସ । ସମୟ ବଦଳିଛି । ସଭ୍ୟତା ବଦଳିଛି କିନ୍ତୁ ବଦଳି ଯାଇନି ଏ ସ୍ମୃତି । ହୁଏତ ପଖାଳ ସହ ଆଜିକାଲି କେତେ କଣ ଆମେ ଖାଉଛେ କିନ୍ତୁ ଶୈଶବ ପଖାଳ ସଦାସ୍ମରଣୀୟ । ପଖାଳ ଭାତ ଏଠି ଓ୍ୱାଟର ରାଇସରେ ପରିଣତ । ବାହାଘର, ଶୁଦ୍ଧ ଘର ଭୋଜି ଖାଇବା ପାଇଁ ଅପେକ୍ଷା କରିବା ଏବଂ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଗାଁ ଦାଣ୍ଡରେ ଏକାଠି ବସି ଖାଉଥିଲେ । ଜଣା ନଥିଲା ଡ଼ାଇନିଂ କଣ ।

ପାଠ ପଢିବା ଥିଲା ଆମର ନିତି ଦିନିଆ କାମ ସକାଳେ ଓ ସନ୍ଧ୍ୟାରେ ଅତି କମରେ ଦୁଇ ଦୁଇ ଘଣ୍ଟା ଚାରି ଘଣ୍ଟା । ଟିଉସନ କଣ ଜଣା ନଥିଲା । ଟିଉସନ ହେଉଛି କହିଲେ ଲାଜ ଲାଗୁଥିଲା । ଟିଉସନ ହେଲେ ପିଲା ମାନେ ଗଧ ବୋଲି କହୁଥିଲେ । ଶୀତ ସକାଳର ସୁନେଲି କିରଣରେ ମୁକ୍ତ ଆକାଶ ରେ ଚାଲିଥିଲା ପଢା । ପରୀକ୍ଷା ବେଳର ନାଟ, ପ୍ରଧାନ ଶିକ୍ଷକଙ୍କ ଛାଟ, ଶ୍ରେଣୀ ଶିକ୍ଷକଙ୍କ କାନ ମୋଡା, ଆଣ୍ଠୁଆ ବସିବା ଦଣ୍ଡ ବୋଧେ ଠିକ ଦୈନନ୍ଦିନ କାର୍ଯ୍ୟ । ଦଣ୍ଡ ପାଇବା ଏବଂ ଦଣ୍ଡ ଦେବା ଲୋକ ଉଭୟ ଖୁସି ହେଉଥିଲେ । ଦଣ୍ଡ ପାଇବା ଲୋକ ଭାବୁଥିଲା ଯାହା ହଉ ଆଜି କମ୍ ମାଡ଼ ଖାଇଛି ଆଉ ଦଣ୍ଡ ଦେବା ଲୋକ ଭାବୁଥିଲା କି ମୁଁ ଆଜିବି ବହୁ ପିଟିଛି । ଆଜିକାଲି ସେ ବ୍ୟବସ୍ଥା ନାହିଁ । ଆକଟ ନାହିଁ । ବିଦ୍ୟାଳୟ ଆଜି ଦଣ୍ଡ ମୁକ୍ତ ଅଞ୍ଚଳରେ ରୂପାନ୍ତରିତ ହେଲାଣି । ଆଇନ କାନୁନ ଏମିତି ଅନେକ କିଛି । ଗାଁ ଚାଟଶାଳୀ ଆଜି ଇଂଲିଶ ମିଡିଅମ୍ ସ୍କୁଲ, ମାଟିର ସିଲଟ ଆଜି ମାର୍କର ହ୍ୱାଇଟ ବୋର୍ଡ ରେ ରୂପାନ୍ତରିତ ହୋଇସାରିଛି । ବହୁ ଶିକ୍ଷିତ ଅଛନ୍ତି କିନ୍ତୁ ଜ୍ଞାନୀଙ୍କ ସଂଖ୍ୟା କମ୍ । ଶୈଶବରେ ସ୍କୁଲ ଯିବାର ମଜା ବି ଥିଲା ଅଲଗା । ବସରେ ଛାଡ଼ିବା ପରମ୍ପରା ନଥିଲା । ଆଉ ବିଶେଷକରି ପୂର୍ବ ବର୍ଷ ପିଲାଙ୍କ ଠାରୁ ପୁରୁଣା ବହି କିଣି ସେଥିରେ ନୂଆ ମଲାଟ ପକେଇବା ବୋଧେ ବର୍ଷ କର ସବୁଠୁ ବଡ଼ କାମ ଥିଲା । ପାଠ ପଢିବା ବଡ଼ ମଣିଷ ହେବା ପାଇଁ ବାପା, ମା'ଙ୍କ ବୋଧେ ସବୁଠୁ ଅଧିକ ବ୍ୟବହୃତ ହେଉଥିବା ପରାମର୍ଶ । ଜନ୍ମ ହେବାଠାରୁ ଶେଷ ନିଦ୍ରା ପର୍ଯ୍ୟନ୍ତ ମନୁଷ୍ୟ ଯାହା ସହିତ ଏକାନ୍ତ ଅନ୍ତରଙ୍ଗ ତାହା ହେଉଛି ନିଦ ।ଦୁଃଖ, ବିଷାଦ,ଚିନ୍ତା, ଅଶାନ୍ତି, ବିଫଳତା ସବୁକିଛିର ସରଳ ସମାଧାନ ନିଦ । ନିଦ ନ ଆସିଲେ କିମ୍ବା ଖାଦ୍ୟ ନଖାଇଲେ ବୋଉର ସେ ଗୀତ ଆ ଜହ୍ନ ମାମୁଁ, ବାଇ ଚଢ଼େଇ, ନିଦ ମାଉସି ଦେ ଆଉଁସି ଝୁଲ୍‌ରେ ହାତୀ ଝୁଲ ଶୋଇଯା ବାବୁରେ ହୋଇନି ବେଳ, ଇଟିକିଲି ମିଟିକିଲି ଚକା ଚକା ଭଉଁରୀ ସତରେ କେତେ ସୁମଧୁର ! ସମୟ ସବୁକିଛି ଛଡେଇ ନେଇଛି । ଏସି ଅଛି, ଗଦି ଅଛି କିନ୍ତୁ ନିଦ ପାଇଁ ନେବାକୁ ପଡୁଛି ଅନେକ ଔଷଧ । ମାର ଉଷୁମ କୋଳ ଏବେ ବି ଝୁରେ । ଚାଲୁ ଚାଲୁ ଝୁଣ୍ଟି ପଡ଼ିଲେ ହଠାତ ପାଟିରୁ ବାହାରି ଆସେ ବୋଉ ବୋଲି ଏହା ହିଁ ଭଲ ପାଇବା । ଯୌଥ ଓ ଏକାନ୍ନବର୍ତ୍ତୀ ପରିବାରର ଥିଲା ସ୍ୱତନ୍ତ୍ରତା । ସଭିଏଁ ରହୁଥିଲେ ଏକାଠି । କିଛି ନଥିଲା କିନ୍ତୁ ଅଭାବ କଣ ଜଣା ନଥିଲା ।

ଆଜି ସେ ସମୟ ନାହିଁ । ସମୟ ସ୍ରୋତରେ ଶୈଶବ ହଜିଯାଇଛି । ଖାଲି ଛାଡ଼ି ଦେଇଯାଇଛି ସ୍ମୃତି । ସବୁ ଥାଇ ବି ଅଭାବ ଘୋଟି ଯାଇଛି । କେତେ ସରଳ ଓ ମଧୁମୟ ଥିଲା ସେ ଶୈଶବ । ରାଜଧାନୀର ରଙ୍ଗା ରଙ୍ଗ ପରିବେଶ ମଧ୍ୟରେ ଏ ସବୁ ଆଜି ଦେଖିବାକୁ ମିଳୁ ନାହିଁ । ସେ ଶୈଶବ କୁହୁକ ଥିଲା ଅନେକ ରଙ୍ଗରେ ରଙ୍ଗାୟିତ । ମଧୁମୟ ଶୈଶବର ମଧୁଛନ୍ଦାରେ ମଧୁମୟ ହେବାକୁ ଚାହେଁ । ହେ ସମୟ ମତେ ଫେରେଇ ଦିଏ ମୋ ପିଲାବେଳ । ଫେରି ଆସନ୍ତା କି ମୋର ଶୈଶବ । ମୋର ମନ ପ୍ରାଣ ଆଜି ବ୍ୟାକୁଳ । ହୃଦୟର ନିବୁଜ କୋଠରୀରେ ଏ ମନ ଖାଲି ସେହି ଚିର ଇପସିତ ପିଲା ଦିନକୁ ଖୋଜେ । ମଧୁମୟ ସେ ଶୈଶବ । ମଧୁମୟ ଥିଲା ସେ ମୁହୂର୍ତ୍ତ । ମଧୁମୟ ସେ ସ୍ମୃତି ।

ଶ୍ରୀବତ୍ସ ନାୟକ

❤ଅଧ୍ୟାପକ, ବାଣିଜ୍ୟ ବିଭାଗ
ମୋ: ୯୪୩୮୦୭୦୮୪୯

କବିତା ଏକ ସୂକ୍ଷ୍ମ କଳା

ନମିତା ପାଇକରାୟ

କବିତା ସାହିତ୍ୟ ଜଗତ ର ଏକ ସୂକ୍ଷ୍ମ କଳା । ପୃଥିବୀର ଘୂର୍ଣ୍ଣନ ରୁ ଯେମିତି ଧ୍ୱନି ଟିଏ ସୃଷ୍ଟି ହୁଏ, ସେମିତି ପ୍ରତ୍ୟେକ ଜୀବନ୍ତ ପ୍ରାଣ ଭିତରେ ସ୍ପନ୍ଦନର ଧ୍ୱନି ଅହରହ ହେଉଥାଏ । ସେହି ଧ୍ୱନି ହିଁ ମଣିଷ ମାନଙ୍କୁ ସଂଗୀତମନସ୍କ କରିଥାଏ । ପ୍ରତ୍ୟେକ ପଶୁ ପକ୍ଷୀଙ୍କର ବା ସକଳ ପ୍ରାଣୀମାନଙ୍କର ପ୍ରାଣର ଧ୍ୱନିରୁ ଶବ୍ଦ ଆହରଣ କରି ସଂଗୀତକୁ କବିତା ମାଧ୍ୟମରେ ଲିପିବଦ୍ଧ କରିଥାଏ । ପ୍ରତ୍ୟେକ ମଣିଷ ମାନଙ୍କର ହୃଦୟରେ ସୃଷ୍ଟି ହେଉଥିବା ଉଚ୍ଛ୍ୱସିତ ଭାବାବେଗକୁ ସମସ୍ତେ ରୂପ ଦେଇ ପାରନ୍ତିନି, ଯେଉଁ ମାନେ ରୂପ ଦେଇ ପାରନ୍ତି, ତାଙ୍କୁ ଆମେ କବି କିମ୍ବା ଦ୍ୱିତୀୟ ଈଶ୍ୱର କହି ଥାଉ । ସେମାନଙ୍କ ମସ୍ତିଷ୍କରେ ପ୍ରଚଣ୍ଡ ମାତ୍ରାରେ ଧିଶକ୍ତି ଥାଏ । ସେମାନଙ୍କ ସ୍ମରଣଶକ୍ତି ସେମାନଙ୍କ ଲେଖନୀର ପ୍ରବାହକୁ ପ୍ରଖର କରାଏ ।

ସାହିତ୍ୟର ଅନେକ ବିଭାଗ ଭିତରୁ କବିତା ହେଉଛି ମୁଖ୍ୟ ଏବଂ ପ୍ରଥମ ପାହାଚ । ପ୍ରତ୍ୟେକ ଭାବାବେଗର ପ୍ରଥମ ସ୍ଫୁରଣ ସଙ୍ଗୀତ ବା କବିତା । ପ୍ରତ୍ୟେକ ଭାବୁକ ସାହିତ୍ୟିକ ମଣିଷ ପୃଥିବୀର ଯେ କୌଣସି ସ୍ଥାନର ହୁଅନ୍ତୁ ନା କାହିଁକି ସେ ପ୍ରଥମେ ନିଶ୍ଚୟ କବିତା ରଚନା କରିଥିବେ । କବିତାର ଅନ୍ତଃସ୍ୱର ପ୍ରାୟତଃ ବିୟୋଗରୁ ଜାତ । କିନ୍ତୁ ନବରସରେ ପରିପୂର୍ଣ୍ଣ କବିତା ସମ୍ଭାର । ମଣିଷ ଯେତେବେଳେ ଭାବ ମୁଗ୍ଧ ବା ବିଦଗ୍ଧ ହୁଏ ତାକୁ ତାର ଅନ୍ତରାତ୍ମା ବାଧ୍ୟ କରେ କିଛି ସୃଜନାତ୍ମକ ସୃଷ୍ଟି ପାଇଁ । କବିର ହୃଦୟ ଯେତେବେଳେ କ୍ଷତାକ୍ତ ହୁଏ, ରକ୍ତାକ୍ତ ହୁଏ, ଯନ୍ତ୍ରଣା ପାଏ, ସେତେବେଳେ ସେ ଲେଖନୀ ମାଧ୍ୟମରେ ତା ଭାବକୁ ପରି ପ୍ରକାଶ ବା ବ୍ୟକ୍ତ କରି ବାକୁ ଚେଷ୍ଟା କରେ ।

କବିତା ଏକ ସ୍ୱାଭାବିକ ସରଳ ଭାବାବେଗ କିନ୍ତୁ ତାକୁ ରୂପ ଦେବା ଏକ ଜଟିଳ ପ୍ରକ୍ରିୟା । ଆବେଗକୁ ଉପମାରେ ନିର୍ଯ୍ୟାସ ଦେଇ ବିନ୍ୟାସ କରିବାର ପ୍ରକ୍ରିୟାକରଣ କବିକୁ ସ୍ୱତନ୍ତ୍ର କରିଥାଏ । ଉପମା ଅଳଙ୍କାର ବର୍ଜିତ କବିତାଟିଏ ଶରତ ଆକାଶର ମୁଠାଏ ସଫା ବଉଦ ପରି ଦିଶେ । କେଉଁ ମୁହୂର୍ତ୍ତରେ ବି ସେ ସ୍ମୃତିର ଆକାଶରୁ ଉଡ଼ିଯାଏ । କବିତା ଉପମା ଅଳଙ୍କାରର ଆଭୁଷଣରେ ଅଭିଷିକ୍ତା ହେଲେ ଶୋଭାମୟୀ ଓ କାଳଜୟୀ ହୋଇଥାଏ । ଉତ୍କୃଷ୍ଟ ଉନ୍ନତ ଶବ୍ଦ ସମ୍ଭାରରେ ସଜ୍ଜିତ ଲିଖିତ କାବ୍ୟ କବିତା ଯୁଗଯୁଗାନ୍ତର ଯାଏ ପ୍ରତିଧ୍ୱନିତ ହୁଏ ପ୍ରତିନିୟତ ପ୍ରତିନିଧିତ୍ୱ କରୁଥାଏ।

ଆଜି ପର୍ଯ୍ୟନ୍ତ ରାମାୟଣ, ମହାଭାରତ ମହାକାବ୍ୟର ମହକରେ ଭାରତୀୟ ସତ୍ତାର ଗୌରବ ଗାଥାର ଧ୍ୱଜ ଫରଫର ହୋଇ ଉଡୁଛି । ଭାରତବର୍ଷର ଆଦି କବି ବାଲ୍ମୀକଙ୍କ ପ୍ରଥମ ପଂକ୍ତି ମନର ବିଷାଦରୁ ସୃଷ୍ଟି ହୋଇଥିଲା, 'ମାଂ ନିଷାଦ ପ୍ରତିଷ୍ଠାଂ ତ୍ୱମ ଗମଃ ଶାଶ୍ୱତୀ ସମାଃ, ୟକୌଂଚମିଥୁନାଦେକମ ଅବଧୁଃ କାମମୋହିତମ୍ ।। ଏଇ ଶ୍ଳୋକ, ବାଲ୍ମୀକଙ୍କ ମୁଖ ନିଃସୃତ ପ୍ରଥମ ଶ୍ଳୋକ, ଯାହା ଏକ ଅଭିସମ୍ପାତ ଥିଲା, ଯାହାର ଅର୍ଥ 'ହେ ନିଷାଦ, ହେ ଶିକାରୀ ତୁମକୁ ଅନନ୍ତ କାଳ ଯାଏ ଶାନ୍ତି ନ ମିଳୁ, ଶାଶ୍ୱତ ପ୍ରେମ ରେ ନିମଗ୍ନ ଥିବା ଦୁଇ ନିରିହ ପକ୍ଷୀ ଭିତରୁ ଜଣଙ୍କୁ ମୃତ୍ୟୁ ଅନ୍ୟ ଜଣଙ୍କୁ ମୃତ୍ୟୁମୁଖୀ କରି ତୁମେ ଯେଉଁ ପାପ କରିଲ ତାହା ଅକ୍ଷମଣୀୟ । ଏଇ ଶ୍ଳୋକରୁ ଆରମ୍ଭ କରିଥିଲେ ଆଦିକବି ବାଲ୍ମୀକ ପ୍ରଥମ ପବିତ୍ର ଧାର୍ମିକ ଆଧ୍ୟାତ୍ମିକ ଆଧାରିତ କାବ୍ୟ ଗ୍ରନ୍



କୁମ୍ଭି

ଲୋପାମୁଦ୍ରା ପରିଡା

'ଓହୋ ! ଏ ମାଛ ମଣିଷ ଖାଏ କାହିଁକି କେଜାଣି ! ଦିନେ ଖାଇବ, ଚାରିଦିନ ମରିବ। ଯୋଉ ତ ଦାନ୍ତ, ପଶିଗଲା ଯଦି ଗୋଟେ କଣ୍ଟା। ପୁରା ମାଢିର ଆରପାର । ଯାଃ ଫୁଲିଥିବ, ଶୁଳେଇ ହଉଥିବ । ଯେଯାଏ ସିଏ ସଢି, ପଚି, ଖୋଳି ନ ବାହାରିଛି, ସେଯାଏ ତମେ ସେଫିଟିପିନିଠୁ ଯେ କଣି ଖଡିକା ଯାଏ ସବୁ ଖୁନ୍ଥି ସାରିବଣି କଳେ ଦିକଳେ । ସିଏ କୋଉ ଶୁଣିବ ! ରଟରଟ କରୁଥିବ ଗଲା । ଖୁଂଟୁଆ ଲୋ ଖୁଂଟୁଉଉଥା ଗଲା।' କେଳା ବଗୁନା ଚିଟି ବାଇଗଣ କଣ୍ଟାଟେ କଳିଦାନ୍ତରେ ଖୋଳୁ ଖୋଳୁ କହୁଥାଏ। ରଙ୍ଗଛଡା ରଙ୍ଗଡବାଟେରେ ଆଉ ଅଧାସରିକି ପାଣି ନେଳିଆ ଡ୍ରମରୁ ତୋଳିନେଉ ନେଉ ତାର ନଜର ପଡିଲା ତା' ଅଲିଅଳି ଝିଅ ଉଲୁକା ଉପରେ। କଣ ଗୋଟେ ହାତରେ ଧରି ମାଡିଯାଇଛି ଖୋସିହେଇ। ଗରୀବ ଝୁଅ କଣ ଅଲିଅଳି ହବନି ? ଆଁ ! ଆଉ ଏ କୁଟୁରି କଣ୍ଟା ମାନେ। ଧେତ୍ ।

ପ୍ଲାଷ୍ଟିକ ଡିବାଟା ଫୋପାଡିଲାରୁ ହାବୁକାଏ ଚୁନା ଚୁନା ପାରଦର୍ଶୀ ପାଣି ଛିଟିକେଇ ପୁଣି ସେଇ ନେଳିଆ ଡ୍ରମରେ ସ୍ଥିର ପଡିଗଲା ଚକା ଚକା କୁନି ଭଉଁରୀଟେ ଖେଳେଇ । ବରଓହଳ ଛାଇ ତଳେ ଉଲୁକା ପାଖେରେ ଟିକେ ଝାଡିଦେଇ ଗାମୁଛାଟା ପାରିଦେଇ ଗଡିପଡିଲା ବଗୁନା। ଖଟିଖିଆ ଦିହ। ଖରାତରା ପିଇଯାଏ। ମେଘଛେଚା କଚିହେଇ ହାଡେରେ ଗଳେଇ ନିଏ। ଏଇ ତାର ପଲଙ୍କ। ଝିଅକୁ ଅନେଇ କହିଲା, 'ଏ ମାଆ କଣ ଦେଖୁଛୁ ଏତେ ମଗନ ହେଇ ଯେ । ଦେଲୁ ଦେଲୁ ମୁଣ୍ଡରେ ଟିକେ ହାତ ବୁଲେଇ ଦେ ବା।'

ଆଖି ମୁଦୁଥିଲା ବଗୁନା ତୃପ୍ତିରେ।

ଶୁଣୁଥିଲା ବୋଧେ ଉଲୁକା ଅନ୍ତରରୁ । ଅନ୍ୟମନସ୍କ ଗୋଟେ କଣ ଯେ। ମନସ୍କର ବିପରୀତ ତ ନୁହେଁ ? ନାଇଁ ତ.... ଏଇଟା ଗୋଟେ ଦିଗମନସ୍କତା ଯାହା ଦେଖିଲା ଲୋକକୁ ଅନ୍ୟମନସ୍କ ଲାଗେ । ଶବ୍ଦଟେ ତ ଆଉ କଣ ପରି ! ହେଲେ ଆର ଲୋକଟି ସ୍ୱପ୍ନ ବୁଣୁଥାଏ ନିଜ ଦୁନିଆରେ ।

ଉଲୁକା ତାର ଡେବିରି ହାତରେ ବାପର ବଳକା ଦି ଚାରିଟା ଚୁଳଥିବା ଖପରା ପରି ଚାନ୍ଦିଆ ମୁଣ୍ଡଟାକୁ ଆଉଁସୁ ଆଉଁସୁ ତାର ଦେଖୁଥିବା ଚିଜଟିରେ ହଜିଥିଲା ଖାଇବି ହାତରେ ଜାବୁଡି ଧରି ।

ସେପଟେ ବାଉଁଶ ତକକୁ ସଜିଲ କରି ରଖୁଥିଲା ଡାଲଚିନି । ଉଲୁକାର ମାଆ । ଏଇ ମସଲିଆ ନାଁ ଟା ତାକୁ ପବ୍ଲିକ୍ ଦେଇଛି । ସିଏ ଯେତେବେଳେ ତିନିକୋଣିଆ ଦିପଟ ବାଉଁଶ ପାଲା ଉପରେ ଗୋଟିକିଆ ମଳିଟିଆ ଦଉଡିଟି ଉପରେ ଟାୟାର ରେଲିଂ ଦେଇ, ବଡ ମୂଳିବାଉଁଶ ଧରି ସରସର ହେଇ ନହକେଇ ଚାଲେ ... ଯେତେବେଳେ ତାର ଘାଘରାଘେର ଚେକା ତଳ ଝୁଣ୍ଟି ହୁଅନ୍ତିନିକି ଚୋଲି ଘୋରେଇ ପାରେନି ପୁରା ଭଲକି ଫଟରା ଓଢଣୀ, ତଥାପି ସିଏ ସାଇତିକି ଖୋସଣି ଖୋସେ। ସେଇ ଏକମାତ୍ର ସେଫିଟିପିନିଟି ଦେଇ ଯୋଉଟା ସିଏ ଗଲାସନଠୁ କାଟେରେ ଗୁଡ଼ିଛି .... ଆଉ ଯେତେ ବେଳେ କଟକଟ ଡାକୁଥିବା କଣ୍ଟାଗଳା ପାଦ ତଳ ରସିରେ ଘଷି ହେଇ ଚାଲୁଚାଲୁ ହଜାରେ ଆଖି ତା ଶୁଖିଲା ଛାତିରେ ଲାଖିଥିବାର ଅଣନିଶ୍ୱାସୀ ପଣକୁ ସିଏ ଢୋକେ ସେତିକି ବେଳେ ସିଏ ମନେପକାଏ ସୀତା ଔର ଗୀତା ଫିଲ୍ମର ହେମାମାଳିନୀକୁ । ଭାବେ 'ଜୀନଦଗୀ ଏକ ଖେଲ୍, କୋଇ ପାସ୍ ତୋ କୋଇ ଫେଲ୍' ଗୀତ । ଆଉ ତା' ଭିତରେ ବଳଟେ ସୁରକି ପଶିଯାଏ । ସିଏ ଅଣ୍ଟାରୁ ଡାଲଚିନିଟେ କାଢେ ଆଉ ଜାକେ । କାରଣ କଣ ସବୁକଥାର ଥାଏ କି ! ମଣିବନ୍ଧ କୁ କଷିକି କମର ଟାଣାଏ ଆଉ ନହକି ଚାଲେ ସରଳରେଖା ଉପରେ ବକ୍ରଗତିରେ । ହେମାମାଳିନୀ ହେଇଯାଏ । ତାଳି ଓଜାଡି ହେଇପଡେ । ସିଏ ଭାବେ କେହି କଣ ଏ ଗହଳିରେ ଭାବୁଛି ଯେ ଯଦି ମୁଁ ଗଳି ପଡିଲି ଏଇ ଉଜରୁ ତେବେ ମୋର ଏଇ କଅଁଳ ଉଲୁକାର କଣ ହବ ! ନା। ସମସ୍ତେ ତରକା ଥାନ୍ତି। ତାଙ୍କର କିଛି ନ ହେଲେ ଗଲା। ପେଟପୋଷେ ନାହିଁ ଦୋଷ ପରା।

ଚାଲୁଚାଲୁ ତା' ଆଖି ଆଗରେ କେହି ଦିଶନ୍ତିନି । ସମାନ୍ତରାଳରେ ଦିଶେ ଆକାଶ ଆଉ ତା' ନୀଳ ପଣତ। ସିଏ ସେତିକି ସମୟ ଢୋଲକର ତାଳେ ତାଳେ ନାଚୁ ନାଚୁ ସ୍ୱପ୍ନ ଫରୁଆଏ ସାଇତେ। ସବୁଦିନ ଅଣାଏ ସଞ୍ଜେ । ତା ଉଲୁକା ପାଇଁ । ନ ହେଉ ତା ଗରଭଚିରା ସନ୍ତାନ ସିଏ । ସିଏ ତ ତା' ମାଆ ନା । ଫୋପଡା ହେଇଥିଲା ହୀନସ୍ତା ହେଇ ସେଇ ବାବୁଘର ଅଗଣାରେ । ଯାହା ଘରେ ବାରମାସିଆ ଖଟୁଥିଲା ତା ଜନମକଲା ମାଆ ବିଜଲିର ମାଆ ସହ । ଗଉଅଁଠିଆ ଘର ସାନ ପୁଅର ଆଖି ବିଜଲିଠି ଗଳଗଳ ତିଖ ପରି ଗଳିଲାରୁ ମାଆ ତାର ସେ ଘର ପାଇଟିକୁ ପଛ କରି ପାଦ ଫେରେଇ ଆଣିଲା। କହିଲା, 'ଛିଣ୍ଡା ଲେଙ୍କଡା ପିନ୍ଧିବି ପଛେ, ପଣତ ସଫା ଥାଉ। ପେଟରେ ପାଣି କନା ଦେଇ ଶୋଇବି ରାତି ରାତି ହେଲେ ପିଲାକୁ ମୋର ଅଇଁଠା ନ କରେଇବି ଡାହାଳ ଜିଭରେ। ଗୋତିଖଟାରେ ବା କି ସୁଖ ! ତୁଣ୍ଡକୁ ଗଣ୍ଡେ ... ତନକୁ ଖଣ୍ଡେ ହେଲେ ଗଲା । ମହାପୁରୁ ତିଆରି ଏ ସଂସାରରେ କଣ ଅପୋଷା ରହିବ। 'ସେଇଦିନୁ ସେମାନେ ବାରବୁଲା ସବାଖିଆ ଦଳରେ, ବନଜାରା.... ଇଜତ ଟିକକ ଧରିରଖି। ଗଛରେ ତ କେବେ ଡାଳରେ। ଚାକୁଠୁ ଗୁପ୍ତି ସବୁ ଅକ୍ତିଆରରେ । ବାଏଁ ହାଥ୍ କା ଖେଲ୍। ମାଆଟା ଗଳାଣି ହଁସିଆଳଗା ହେଇ କୋ'କାଳୁ। ଏବେ ଏଇ ବଗୁନା ସହ ସଂସାର। ଧେତ୍ ସଂସାର ଗୋଟେ କଣ କି, ପୃଥିବୀଟାତ ଚଦର, ମାଟିଟା ବିସ୍ତର। ସ୍ୱପ୍ନକୁ କଜଳ କରି ସିଏ ନିତି ନାଇ ତ ଦିଏ ହେଲେ ବାସି ପଖାଳ ଟଙ୍କରେ ବହି ଯାଏ ସେତକ ସଂଜ ନଉଁ ନଉଁ। ସେମାନେ ସେ ବଣମୁଲକକୁ ମହଲ ଭାବି ମାଟିଲଗ୍ନା ହୁଅନ୍ତି ସକାଳ ପାହିବା ଯାଏ। ମିଠାନିଦ ହୁଏ। ମଣ୍ଡି ହେଇଥିବା ହାଡରସର ଥକାପଣ ଖୁବ୍ ଥାପୁଡେଇ ଶୁଆଏ। ନିଦରେ ସିଏ ଦେଖେ ଆକାଶରେ କୁଆଁତାରା ହସୁଛି ଠିକ୍ ତା କୋଳରେ କୁନି ଉଲୁକା ପରି। ସିଏ ପୁଣି ଦେଖୁଛି। ଉଲୁକା ପଢୁଛି। ବହୁତ ପାଠ। ବହୁତ ନାଚ ସୁନ୍ଦର କରୁଛି ଠିକ୍ ସିନେମାଫର୍ଦ୍ଦର ଅଭିନେତ୍ରୀ ପରି। ପରୀକଣ୍ଢେଇ ପରି ଦିଶୁଛି, ନିଖୁଣ। ତାକୁ ଲାଗୁଛି ସିଏ ଗୋଟେ କୋଉ ଦିଅଁ କି ଠାକୁରାଣୀର ଶିଶୁ। ଦେବଶିଶୁ 'ଏମିତି କଣ ସବୁ ଗୁରେଇ ଗୁରେଇ ଦେଖୁ ଦେଖୁ ଖୁସିର ନିଦଟା ଭାଙ୍ଗିଯାଉଛି ଚାଳିଆ ପଛରେ ସର୍‌କି ଶବ୍ଦଟେରେ। ସିଏ ତାର ଏଇ ଚମକ ଛୁଆଁ ସ୍ୱପ୍ନକୁ ଧରିରଖନ୍ତା। ସତ କରନ୍ତା। ସିଏ ପୁଣି ଆଖି ମୁଦୁଛି। କିଏ ଗୋଟେ କେଜାଣି ତା ସ୍ୱପ୍ନରେ ତାକୁ ଛିଗୁଲଉଛି। କହୁଛି, 'ତୁ ଯେମିତି ତାରରେ, ପାଲାରେ ଚାଲୁଛୁ ତୋ ଝିଅ ବି ସେମିତି ବିଚ ବଜାରରେ ନାଚ କରିବ। ପଇସା ଗୋଟେଇବ। ଉଲକା ମାନଙ୍କ ଭାଗ୍ୟରେ କଣ୍ଢେଇ, ଜାମା ନଥାଏ। ବହି ତ ଜମା ନଥାଏ। ଆଉ ସେ ଛାଇଟା ଅସୁର ଭଳିଆ ହସୁଛି ହି ହି କରି । ସେଇ ଗଉଅଁଠିଆ ଘର ସାନ ପୁଅ ପରି ଦିଶୁଛି ମର୍କଟିଆ। ସିଏ କାନ୍ଦ କାନ୍ଦ ହଉଛି ସ୍ୱପ୍ନରେ। ହେଲେ ଜମା ଡରୁନି। ଜଭର କାଢୁଛି। ତାର ପଣତ ଯେ ଯାଏ ପାଉଛି ସେଇଥିରେ ସିଏ ଉଲୁକାକୁ ଘୋରେଇନଉଛି । ସେ ଛାଇର ହାତ ତା ପଣତ ଆଡକୁ ଲମ୍ବୁଛି ହେଲେ କୋଉ ଦେବତାର ଛୁଆଁରେ ତା ଅଣଓସାର ପଣତ ଆକାଶ ଟପି ପଶରିଯାଉଛି ଅନ୍ତରିକ୍ଷ ଯାଏ। ଉଲୁକା ଉଜ୍ଜ୍ୱଳ ତାରା ହେଇ ତଳକୁ ଖସୁଛି । ଖୁବ୍ ଉଜ୍ଜ୍ୱଳ । ଖୁସିରେ ସିଏ ଜୋର ଡାକୁଛି .....ଉଲୁକା ଉଲୁକା .... । ତା' ନିଦ ଚାଉଁ କି ଭାଙ୍ଗି ଯାଏ ଏମିତି ସ୍ୱପ୍ନ ଦେଖିଲେ । ସିଏ ନିଜକୁ ବୋଧ ଦିଏ ...

'ବଗୁନା ପା'ଡାକେ ତାକୁ ବିଜଲି । ବିଜୁଳିର ଝିଅ ଉଲୁକା ହବନି ତ ଆଉ କଣ ହବ !' ହାଲୁକା ମନ ନେଇ ସିଏ କନ୍ଥା ଛାଡେ।

'ବିଜଲି ସରସା ରାନ୍ଧା ଜାଣେ । ମନ ନେଇ ନିଚିପରକି ବଢା ବି ଜାଣେ। ଭଲଘର ହେଇଥିଲେ ସାନ୍ତାଣୀ ହେଇ ରହନ୍ତା । ରୂପଛଟକ ବି କମ ନୁହେଁ । ତେରେଛେଇକି ଚାହିଁ ଦେଲେ ପୁରା ଶିରିଦେବୀ। ହେଲେ ଆହାରେ ଭାଗ୍ୟ ....ଛେଃ କଣ ଭାବୁଛି ସିଏ । ମହାଜନ କହିଛି ଏ ମାସର କରଜ ନ ସୁଝିଲେ ତାକୁ ଆଉ ଜାଗା ଦବନି ମଜୁରୀ ଖଟିବାକୁ। ଶୁଖିଲି ପାଗରେ ସିନା ନାଚ, ବାଜା। ମେଘ ଅଷାଢକୁ କଣ ଚଳେଇବ କେମିତି। ସଞ୍ଜିଲେ ସିନା। ଆଉ କଣ ସିଏ ଏକୁଟିଆ ଅଛି ? ତାର ପରା ସଂସାର ବଢିଲାଣି। ଆଉ ବି ଭଲ ଲାଗୁନି ନିଜ କନିଆଟାକୁ ଏମିତି ଶହେ ନଜର ଆଗେରେ ନଚେଇବାକୁ । ଏଥର କିଛି ଗୋଟେ ବାଗର ବ୍ୟବସ୍ଥା କରିବାକୁ ପଡିବ। ନହେଲେ ସୁରଟ, କି କେରଳ, କି କଲିକତା ପଳେଇଗଲେ ହନ୍ତା। ହେଲେ ତାକୁ ଏଇ ଢୋଲକ, କେନ୍ଦେରା, ଛଡା ଆଉ କୋଉ କାମ ବାଗେଇକି ଜଣା କଣ? ନା ନା ସିଏ ଶିଖିବ। କରିବ। ହଁ ମାଳିକାମ, ଗାଡିଚଲା ବି ଆସେ ଯେ। ନିତି ଉଲୁକାକୁ ନେଇ ବିଜଲି ଦେଖୁଥିବା ସପନକୁ ସିଏ ସତ କରି ଗଢିବ। ହେଲେ ଏଠିକା ସୁଧମୂଳ ସୁଝିଲେ ତ ଫିଟିବ। କଣ କେମିତି ଗୋଟେ ହନ୍ତାନି। ସବୁ ସଜାଡି ହେଇଯାନ୍ତା। ଅଳପକେ ଚଳନ୍ତେ ପଛେ, ଶାନ୍ତିରେ ମାନ ମହତରେ ଚଳନ୍ତେ। ଗରିବ ଆଉ କଣ ରଜା ହେଇଯାନ୍ତା । ତଥାପି ଏ ଗଛମୁଳୁ ତ ଉଠନ୍ତା । ପାଠ ଦି ଅକ୍ଷର ତ ସିଏ ପଢିଛି । ହଉ ପଛେ ଖାଲି ଅକ୍ଷର ଚିହ୍ନା ଆଉ ଦସ୍ତଖତ ଯାଏ । ସିଏ କଣ କୋଉ କାମକୁ ଆସିବନି ? 'କାମ କରୁଥିବା ବିଜଲିକୁ ଚାହିଁ ଭାବୁଥାଏ ବଗୁନା । କାନିରେ ଝାଳ ପୋଛି ପୋଛି ତା' କତିକୁ ଆସି ଗଢିପଡିଲା ବିଜଲି । ଢଳେଇ ହେଇପଡି ବଗୁନା ଛାତିପଟକୁ ପଚାରିଲା, ' କଣ ଭାବୁଛୁ ?'

-ଭାବୁଛି କେତେ କାଳ ଆଉ ଆମେ ଏମିତି ଥିବା ଲୋ।

-ରହ। ଛାନିଆଁ କାଇଁ ହେଲୁ। ମନରେ ଭାବିଲୁ, କରମ କଲୁ। ମହାପୁରୁ ତାର ସମୟ ଦେଖି ସିରପା ବାନ୍ଧିବନି ନା।

- ଶିରପା ? ହା ହା। ତୋର ଯୋଉ କଥା ଲୋ ।

- କିଆଁ? ଆମେ ବି ତ ମହାପୁରୁର ପିଲା କି ନାଇଁ? ଦେଖେ ମୋ ଉଲୁକିକୁ। ଲକ୍ଷ୍ମୀକର ତାର। ଦେଖିବୁ ତାର ହାତରେ ତୋ ନାଆ ପାର ଲାଗିବ। ଦେଖିବୁ ରହ। କହିବୁନି କି ମତେ ମୁଁ ଯାହା କହୁଛି ସତ ହବ କି ନାଇଁ ।'

ଉଲୁକା ତାର ସେତେବେଳୁ ସେମିତି କାଠଗଣ୍ଡି ଭଳିଆ ବସିଥାଏ । ତାକୁ କଣେଇକି ଚାହିଁ ବିଜଲି ପଚାରିଲା, 'ଆଲୋ ଉଲି, ଯାଉନୁ ଖେଳିବୁ ! କି ଗଡିପଡୁନୁ ବାଆ କତିକି ଟୋପା।' ଉଁ ଚୁଁ କହିଲାନି ଉଲୁକା । ଉଲିର ଏମିତି ଚୁପ ବ୍ୟବହାର ବଗୁନାର ଘୁମ ଧରି ଆସୁ ଆସୁ ଆଖି ପତାକୁ ମେଲିଧରିଲା ଆଉ ମୁଣ୍ଡ ଟେକି ଉଲୁକାକୁ ଚାହିଁଲା ସିଏ । କୋମଳେଇ ପଚାରିଲା, 'କଣ ସେଇଟା ଦେଖୁଁ । କରୁଛୁ କଣ ତେତେବେଳୁଁ । ଦେଖୁଁ ।'

ହାତରୁ ସେଇ ଚେନାଚୁର ମୋଡା କାଗଜଟା ଯୋଉଟା ଏଇ ପାଖ ସ୍କୁଲକୁ ପଢି ଯାଉଥିବା ପିଲାଭିତରୁ କିଏ ଖାଇସାରି ପିଙ୍ଗିଥିବେ ଆଉ ଗୋଟେଇ ଆଣିଛି ଉଲି କୋଉ ଗୋଟେ ଛବିର ଆକର୍ଷଣରେ। ସେଇ ଇସ୍କୁଲ ପିଲେ ସବୁ ଦଳ ହେଇ ସ୍କୁଲ ଗଲା ବେଳେ ସିଏ ତ ଏଇ ଚଟାଣରେ ଲାଖି ଠିଆ ହୁଏ ଘଡିଏ । ଆଖି ପଲକ ପଡେନି। ବିଲେଇ ଭଳିଆ ଲଟେଇ ହେଇ ପଚାରେ,'ଏ ମାଆ ଏ ପିଲେ ସବୁ ସେ ଇସ୍କୁଲ ଘରେ କଣ କରନ୍ତି କି ?'

ବାଲି ଝାଡିଦେଇ ବଢେଇଦେଲା କୁନି ଝିଅଟି ବିଜଲି ହାତକୁ କାଗଜ ଖଣ୍ଡିକ, ଯୋଉଥିରେ ହେଇଥିଲା ଗୋଟେ ନଟରାଜ ପେନସିଲର ଦୁଇମୁଣ୍ଡରେ ବସିଥିବା ଦୁଇଟି ଖୁସିବାସିଆ ପିଲାଙ୍କ ଛବି । ଉଡୁଥିବା ଯାଦୁକରୀ ପେନସିଲ । ତାର ତଳ ପଟଟି ରହିଥିଲା ବଗୁନା ପଟକୁ।

କୁନି ଉଲୁକା ବଡ ଆଗ୍ରହରେ ପଚାରିଲା, 'ଏ ମାଆ ଏଇଟା ବି ଆମରି ଲେଖେଁ ବାଉଁଶ ରାଣୀ ନାଚ କାଏଁ ? ମୁଁ ଏମିତି ଉଡିପାରିବି କି ଗୋ ମାଆ ? ଏନ୍ତି ବସି ? ଏଇ ନାଳିଆ ଚିଜଟା କି ଗୋ ମାଆ ? ଜାଦୁଛଡି କାଏଁ?

ଆଖିରେ ତାର ଆଶାର ଫୁଲ ଚକମକ।

ସେଇ କାଗଜର ପଛ ପଟେ ଲେଖା ଥିଲା 'ସରକାରୀ ଅଫିସର ବଗିଚା ଦେଖରେଖ ପାଇଁ ଦରଖାସ୍ତ ପକାନ୍ତୁ। ମାଳି ଆବଶ୍ୟକ।'

ସନ୍ତୁଳନ ରଖୁଥିବା ସବୁ ଚାଲି ତ ବାଉଁଶ ରାଣୀର ହି ।

ଟିକେ ଟସ୍ କି ମସ୍ ..... ଚୁନା , ନହେଲେ ନୀଳପଣତ ଘେରା ଆକାଶ..... ଏଇ ତ ହାତ ମୁଠାରେ । ଖାଲି ହାତ ବଢେଇବା ବାକି । ହାତଟେ ବଢାଲେ ଆକାଶଟା କେତେ ବାଟ କି ! ହେଇ ତ ଆଉ।

ପକେଟରେ ଚାରିଚଉତ କରି ନୂଆ ସପନକୁ ସାଇତିଲା ବଗୁନା ।

ଉଲକା ତାରାଟେ ସେତିକି ବେଳେ ଆକାଶ ରୁ ମାଟିମୁହାଁ ଖସୁଥିଲା ଅନେକ ଚୁନା ତାରାଙ୍କୁ ବରଦା ହେବା ପାଇଁ ।

ବିଜଲୀ ମଧୁର ହସଟେ ସହ ପଚାରିଲା, 'ତୋ ଦାନ୍ତରୁ ଖସିଲା କିରେ ସେ ଜିଦିଆ କଣ୍ଟାଟା ? ନା ଲାଖିଛି ସେମିତି ? ଶୁଣୁ କାଲିଠୁ ମୁଁ ଦି ଓଳି ନହେଲେ ଦାଣ୍ଡରେ ନାଚ ନାଚିବି ପାଦ ସରିବା ଯାଏ । ହେଲେ ଆମ ଉଲୁକାକୁ ପାଠ ପଢେଇବା ଜାଣିଲୁ । ନା କଣ କହୁଛୁ। ହେଇ ଦେଖେ ମୁଁ ଏଇ ଡବାରେ ସଞ୍ଜୁଛି ଟୋପେ ଟୋପେ ଆଶାର ବିନ୍ଦୁ । ତୁ ବି ଏଇଥେରେ ସାଇତିବୁ ହେଲା। ଏଇଟା ଆମର ସପନ କୁମ୍ଭି ହମ୍, ଆମେ ଭରିଦବା ଆମ ପରିଶ୍ରମର ମୁକ୍ତା ଝାଳରେ।'

ଆକାଶକୁ ଚାହିଁ ହସୁଥିଲା ବଗୁନି ଟିଣର ସେଇ ଛୋଟ ଡବାଟିକୁ ଧରି । ସ୍ୱପ୍ନସୁଲଭ ହସଟେ ।

+ପାନାଥୁର ,ବାଙ୍ଗାଲୋର
ମୋ: ୯୭୩୧୦୫୭୦୧୪

ଆମକୁ ସମସ୍ତେ କପି କରନ୍ତୁ

ଶ୍ୱେତା ରାଉତ୍

ଆମେ କଣ କେବେ ଏକଥା ଲକ୍ଷ୍ୟ କରିଛନ୍ତି ଯେ ଆମେ ସବୁବେଳେ ଅନ୍ୟକୁ କପି କରୁଛେ। ଆମ ସହିତ କେହି ଭଲରେ କଥା ହେଲେ ଆମେ ଭଲରେ କଥା ହେଉ, କେହି କ୍ରୋଧରେ କହିଲେ ଆମେ ବି କ୍ରୋଧରେ କହୁ, କେହି ଆମକୁ ମୁଁହ ବୁଲେଇ ଅଣଦେଖା କରି ଚାଲିଗଲେ ଆମେ କହୁ 'ସେ ତ ଦେଖିକି ନଦେଖିବା ଭଳି ଚାଲି ଯାଉଛି, ମୁଁ କାହିଁକି ଉପରେ ପଡ଼ି କଥା ହେବି' ! ଯଦି କେଉଁ ସମ୍ପର୍କୀୟଙ୍କୁ ଭାର ବେଭାର ଦିଆଯିବାର ଥାଏ, ଆମେ ପୁରୁଣା ଖାତା ଖୋଲି ଦେଖନ୍ତି ନହେଲେ ମନେ ପକାନ୍ତି ସେ ଆମକୁ କଣ ଦେଇଥିଲା। ସୁନା ଦେଇଥିଲା ନା ଟଙ୍କା ଦେଇଥିଲା ! କାରଣ ସିଏ ଯାହା ଦେଇଥିବ ଆମେ ସେତିକି ଦେବା। ସେ ଯଦି ଟଙ୍କ୍ଷ୍ଟ୍ରେ ଦେଇଥିବ, ମୁଁ କାହିଁକି ୧୦୦୦୦ ଦେବି ? ଏହା ହେଉଛି ଆମର କପି କରିବା ଚିନ୍ତାଧାରା। ଯିଏ ଆମ ସହିତ ଯାହା ବ୍ୟବହାର କରିବ, ଆମେ ସେମିତି ବ୍ୟବହାର କରିବା, ଅର୍ଥାତ୍ କପି କରିବା। ସେ ମୋ ସହିତ କଥା ହେଉନି, ମୁଁ ବି କଥା ହେବାର ନାହିଁ। ସେ ମୋ ବିଷୟରେ ଅନ୍ୟମାନଙ୍କ ପାଖରେ ଏମିତି କହୁଛି, ସେ କୋଉ ଭଲକି ! ସେ ପରା ଏମିତି ସେମିତି ଇତ୍ୟାଦି ଆମେ ହଜାର କଥା ତା ବିରୁଦ୍ଧରେ କହୁ।

ସାରା ଦିନ ସବୁକଥାରେ ଭଲ ହେଉ କି ମନ୍ଦ ହେଉ ଆମେ ଅନ୍ୟର ବ୍ୟବହାରକୁ କପି କରୁ। ଅନ୍ୟକୁ ଦେଖି ଦେଖି ନିଜର ମୌଳିକ ଗୁଣ, ବ୍ୟବହାର, ସଂସ୍କାରକୁ ଭୁଲି ଯାଇଥାଉ। ଆମର ସ୍ୱତନ୍ତ୍ର ଗରିମାକୁ ନଷ୍ଟ କରୁ ଅଥଚ ଏ ପ୍ରତି ଆମର ଧ୍ୟାନ ନଥାଏ। ଆମେ ଯେମିତି ଅନ୍ୟକୁ ଦେଖି ସେପରି ବ୍ୟବହାର କରିଥାନ୍ତି, ଅନ୍ୟମାନେ ବି ଆମକୁ ନିଶ୍ଚୟ କପି କରୁଥିବେ। ତେଣୁ ଆମେ ଏମିତି କାମ କରିବା ଉଚିତ୍ ଅନ୍ୟମାନେ ଆମର ଭଲ ଗୁଣକୁ କପି କରନ୍ତୁ। ଆମେ ଯଦି ଭଲରେ କାହା ସହିତ କଥା ହେବା, ସେ ବି ଆମ ସହିତ ଭଲରେ କଥା ହେବେ। ଆମେ ଯଦି କୋଉ ପୁରୁଣା କଥାକୁ ଗଣ୍ଠି କରି ମୁଁହ ଫୁଲେଇ ଚିଡିଚିଡା ହୋଇ ତାଙ୍କୁ ଆଭଏଡ ବା ଅଣଦେଖା କରିବା, ସେ ମଧ୍ୟ ଆମକୁ ଅଣଦେଖା କରିବେ।

ତେଣୁ କିଏ ଆମ ସହିତ କିଭଳି ବ୍ୟବହାର କଲେ ଆମେ ତାକୁ କପି କରି ସେଇ ଅନୁରୂପ ବ୍ୟବହାର ନକରି ତାଙ୍କ ସହିତ ଭଲ ବ୍ୟବହାର କଲେ ସେ ନିଶ୍ଚିତ ରୂପେ ଭଲରେ ଗ୍ରହଣ କରିବେ। ମନରେ ଯେତେ ରାଗ ଅଭିମାନ ଅନିଚ୍ଛା ଥିଲେ ମଧ୍ୟ ଔପଚାରିକ ଭାବେ ହସି ହସି କଥା ହେବେ ଏବଂ ଅନିଚ୍ଛାକୃତ ଭାବେ ଏଭଳି କଥା ହେଉ ହେଉ ଧିରେଧିରେ ମନରୁ ସବୁ ରାଗ ଅଭିମାନ ଚାଲି ଯାଇଥିବ। ରାଗ ବଦଳରେ ରାଗ କରିବା, ଘୃଣା ବଦଳରେ ଘୃଣା କରିବା,ଅପମାନ ବଦଳରେ ଅପମାନ କରିବା, ଆମେ ଏଭଳି କପି ନକଲେ ହୁଅନ୍ତାନି ?

ଆମର ସ୍ୱଭାବ ଉତ୍ତମ, ତେଣୁ ଆମେ ଆମର ସ୍ୱଭାବ ଅନୁଯାୟୀ ଉତ୍ତମ ବ୍ୟବହାର କରିବା। ଆମେ ଶୃଙ୍ଖଳିତ ଜୀବନ ଚାହୁଁ, ତେଣୁ ଆମେ ଶୃଙ୍ଖଳା ରକ୍ଷା କରିବା। ଆମକୁ ସମ୍ମାନ ଭଲଲାଗେ ତେଣୁ ଆମେ ସମସ୍ତଙ୍କୁ ସମ୍ମାନ କରିବା। କେହି ଆମ ସହିତ କିଭଳି ବ୍ୟବହାର କରୁ ଆମର ଯାଏ ଆସେ ନାହିଁ, ତାହା ଆମ ସଂସ୍କାର ତଥା ବିଚାରକୁ ପ୍ରଭାବିତ କରିବା ଉଚିତ୍ ନୁହେଁ। ଆମକୁ କଣ ଭଲ ଲାଗେ, ଆମେ କିଭଳି ବ୍ୟବହାର କରୁଛନ୍ତି, ଆମର କର୍ମ କିଭଳି ହେବା ଦରକାର, ଆମ ସଂସ୍କାରକୁ ଆମେ ଗୁରୁତ୍ୱ ଦେବା ଦରକାର। କୌଣସି ବ୍ୟକ୍ତିର କର୍ମର ଫଳ ସେ ହିଁ ଭୋଗ କରିଥାଏ। ଅନ୍ୟ କେହି ବିଷ ଖାଇଲେ ଆମର ମୃତ୍ୟୁ ହୁଏନାହିଁ, ଯିଏ ବିଷ ଖାଏ ତାର ହିଁ ମୃତ୍ୟୁ ହୋଇଥାଏ। କେହି ବିଷ ବାଖାଣିଲେ ତାର ଭାଷାର ମର୍ଯ୍ୟାଦା ହାନୀ ହୁଏ, ଆମର ନୁହେଁ। ତେଣୁ ଆମକୁ ଗାଳି ଦେଉଥିବା ଲୋକକୁ କପି କଲା ଭଳି ଆମେ ଗାଳି ଦେଇ ନିଜ ଭାଷାର ମର୍ଯ୍ୟାଦା କାହିଁକି ହରେଇବା ! ଆମେ ଅନ୍ୟକୁ କାହିଁକି କପି କରିବା ବରଂ ଆମ ସଂସ୍କାର ଓ ବିଚାର ଏମିତି ହେଉ ଅନ୍ୟମାନେ ଆମକୁ କପି କରନ୍ତୁ।

+ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

ସମ୍ପର୍କର ରଙ୍ଗ

ଆଜିର କବିତା

ତମେ

ସ୍ମିତା ପଣ୍ଡା

ଚା କପ୍‌ରେ ଚିନି ଫେଣ୍ଟିବା ବେଳେ
ଟିଫିନ୍ ସଜାଡ଼ିବା ବେଳେ
ଅଫିସ୍ ଚାଲିଗଲା ପରେ
ଶୂନ୍ୟକୁ ଚାହିଁ ରହିବାରେ
ପାଣି ଟ୍ୟାପ୍ ଖୋଲି ଦେବାପରେ
କି ' ଫୋନ୍ ରିସିଭ୍ କଲା ବେଳେ
ଅବା ତମ ମୋ ପାଇଁ
ସୁଟ କି ଶାଢ଼ୀଟିଏ ବାଛିବାରେ
ମୋର ଯେତେ ସବୁ ଅନ୍ୟମନସ୍କତା ।
ମୋର ଯେତେ ସବୁ ଅନ୍ୟମନସ୍କତା
ତମକୁ ଆସି ଛନ୍

ରେଭେନ୍ସାରେ ଏବିଭିପିର କ୍ୟାମ୍ପସ ୟୁନିଟ୍ ଘୋଷଣା

ଭୁବନେଶ୍ୱର ,୨/୧୧ (ନି.ପ୍ର): ରେଭେନ୍ସା ବିଶ୍ୱବଦ୍ୟାଳୟରେ ଭାରତୀୟ ବିଦ୍ୟାର୍ଥୀ ପରିଷଦର କ୍ୟାମ୍ପସ ୟୁନିଟ୍ ଘୋଷଣା ହୋଇଯାଇଛି । ଏହି ୟୁନିଟରେ ସଭାପତି ଭାବେ ଛାତ୍ରନେତା ସାଗର ଗୋଛାୟତ ଏବଂ ସମ୍ପାଦକ ଭାବେ ସିପକ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି । ସାଂସ୍କୃତିକ ସମ୍ପାଦକ ଦେବପ୍ରସାଦ ବେହେରା, କ୍ରୀଡା ସମ୍ପାଦକ ଭାବେ ସତ୍ୟବାନ୍ ସେଠୀ, ଷ୍ଟୁଡେଂଟ୍ ଫର୍ ସେବାର ସମ୍ପାଦକ କିଶୋର ମିଶ୍ର ଏବଂ ଷ୍ଟୁଡେଂଟ୍ ଫର୍ ଡେଭଲପମେଂଟ ସମ୍ପାଦିକା ଭାବେ ଶ୍ୱେତପଦ୍ମା ବେହେରା । ମିଡିଆ ସଂଯୋଜିକା ଭାବେ ଦିପ୍ତି ପାତ୍ର, ହଷ୍ଟେଲ ଏବଂ ଆଲୋଚନା ଚକ୍ର ସଂଯୋଜକ ଭାବେ ତାପସ ଦାସ ଏବଂ ମୟଙ୍କ ପାଠକ ଦାୟିତ୍ୱ ବହନ କରିଛନ୍ତି । ପ୍ରତେକ ବର୍ଷ ବିଦ୍ୟାର୍ଥୀ ପରିଷଦ ଦ୍ୱାରା ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ଭିତରେ ନେତୃତ୍ୱ ଗଠନ କରିବା ପାଇଁ ୟୁନିଟ୍ ଘୋଷଣା କରାଯାଇଥାଏ । ଚଳିତ ବର୍ଷ ଶିକ୍ଷା ବର୍ଷରେ ୟୁନିଟର ସଭାପତି ଏବଂ ସମ୍ପାଦକ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଦାବି ରଖିବା ସହ ଛାତ୍ରଛାତ୍ରୀ ମାନଙ୍କର ବେକ୍ତିତ୍ୱ ବିକାଶ ନିମନ୍ତେ ବିଭିନ୍ନ ପ୍ରକାରର ରଚନାତ୍ମକ କାର୍ଯ୍ୟକର୍ମ ଅନୁଷ୍ଠିତ କରିବା ପାଇଁ ନିଷ୍ପତି ହୋଇଛି । ପରିସର ରେ ଗଣତାନ୍ତ୍ରିକ ଉପାୟରେ ଶୃଙ୍ଖଳାର ସହିତ ଛାତ୍ର ସଂସଦ ନିର୍ବାଚନ କରାଇବା ପାଇଁ ପ୍ରଶାସନ ସାମ୍ନାରେ ଦାବି ଉପସ୍ଥାପନ କରାଇବା ପାଇଁ ସମସ୍ତ କାର୍ଯ୍ୟକର୍ତା ନିଜର ମତ ପ୍ରକାଶ କରିଛନ୍ତି ।

ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନର ମାନ୍ୟତା ଲାଭ କରିବ ବୌଦ୍ଧର ପରିବେଶ ପାର୍କ

ଭୁବନେଶ୍ୱର ,୨/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ବୌଦ୍ଧଠାରେ ବିକଶିତ କରାଯାଇଥିବା ଇକୋ ପାର୍କ ସମୀକ୍ଷା କରି ଏହା ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ ଭାବେ ମାନ୍ୟତା ଲାଭ କରିବ ବୋଲି କହିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଯାବରଠାରେ ଏକ ସମୀକ୍ଷା ବୈଠକରେ ଗତ୨୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଡବ୍ଲୁଓଡିସି ଇକୋ ପାର୍କ ପାଇଁ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ଏଥିରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଅଜିତ କୁମାର ମିଶ୍ର ଓ ବୈଷୟିକ ପରାମର୍ଶଦାତା ସୁନୀଲ କୁମାର ନାୟକଙ୍କ ଉପସ୍ଥିତ ଥିଲେ । ୧୮ କୋଟିର ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୪ କୋଟି ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଥିବାବେଳେ ବର୍ତମାନ ୨ କୋଟି ଟଙ୍କା ଯୋଗାଇଦିଆଯାଇଛି ଏବଂ ପରବର୍ତୀ ସମୟରେ ଆଉ ୨ କୋଟି ଟଙ୍କା ପ୍ରଦାନ କରାଯିବ । ଏହାର ଦାୟିତ୍ୱ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପର କାର୍ଯ୍ୟ ଜିଲ୍ଲା ବନଖଣ୍ଡ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଂଚାୟତ ସମିତି ହରଭଙ୍ଗାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେବ । ଏଥିରେ ସ୍ଥାନୀୟ ଜନପ୍ରତିନିଧି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମଧ୍ୟ ସାମିଲ କରାଯାଇଛି । ଆଗାମୀ ଦିନରେ ଏହା ଏକ ସୁନ୍ଦର ପ୍ରକଳ୍ପ ଭାବରେ ବିକଶିତ ହେବାକୁ ଯାଉଛି । ଏହି ପରିବେଶ ପାର୍କକୁ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ଭଳି ବ୍ୟବସ୍ଥା କରାଯାଇଛି । ଏହାବ୍ୟତୀତ ବନ୍ୟଜନ୍ତୁମାନଙ୍କ ଉଦ୍ଧାର ତଥା ସଂରକ୍ଷଣ କେନ୍ଦ୍ର, ପକ୍ଷୀ ପାର୍କ, ନୂଆପଡା ଡ୍ୟାମରେ ନୌକାବିହାର, ସଫାରୀ, କାଫେଟାରିଆ, ଯୋଗ ଉଦ୍ୟାନ, ବଟରଫ୍ଲାଏ ଉଦ୍ୟାନ, ଜଙ୍ଗଲ ମଧ୍ୟରେ ପ୍ରାକୃତିକ ଶୋଭାରାଜି ଉପଭୋଗ ପାଇଁ ଚଲାପଥ ସୃଷ୍ଟି, ହାଇକିଂ ଟ୍ରାକ୍, ଫୁଡକୋର୍ଟ, ଲ୍ୟାଣ୍ଡସ୍କେପିଂ, ଶିଶୁ ଉଦ୍ୟାନ ଆଦି ସୃଷ୍ଟି କରାଯିବାର ଯୋଜନା ରହିଛି । ଆସନ୍ତା ଡିସେମ୍ବର ୩୧ ତାରିଖ ମଧ୍ୟରେ ୧୫ ଜଣ ସ୍ଥାନୀୟ ଯୁବକଯୁବତୀଙ୍କୁ ଟୁରିଷ୍ଟ ଗାଇଡ ଭାବରେ ପ୍ରଶିକ୍ଷିତ କରାଯିବ । ଏଥି ସହିତ ଯାଯାବରଠାରେ ଆସନ୍ତା ୧୦ ତାରିଖ ମଧ୍ୟରେ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ କାଫେ, ଓମଫେଡ ଓ ବୁଣାକାର ସାମଗ୍ରୀ ବିକ୍ରୟ ଷ୍ଟଲ ଖୋଲାଯାଇ ବିଭିନ୍ନ ସମାଗ୍ରୀର ପ୍ରଦର୍ଶନ ଏବଂ ବିକ୍ରୟ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ପରେ ପରେ ଜନକଲ୍ୟାଣ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମା ଗୀତାଞ୍ଜଳୀ ସ୍ୱୟଂ ସହାୟକ ଗୋଷ୍ଠୀ, ଖଜୁରିପଡାର ମହିଳାମାନଙ୍କ ସହିତ ଅଧ୍ୟକ୍ଷ ଆଲୋଚନା କରିଥିଲେ । ସେ ସ୍ଥାନୀୟ ଖାଦ୍ୟର ସ୍ୱାତନ୍ତ୍ର୍ୟତା ବଜାୟ ରଖି ପରିବେଶ ପାର୍କ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ଓ ଅନ୍ୟ ଅତିଥିମାନେ ଯାଯାବର ପରିସରରେ ବୃକ୍ଷ ରୋପଣ କରିଥିଲେ ।

ଏହି ବୈଠକରେ ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପନିର୍ଦ୍ଦେଶକ ଡିପିଏମୟୁ ଇ.ସୋରେଙ୍ଗ, ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ର କହଁର, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ପାତ୍ର ଓ ସମିତ କୁମାର ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋଚନ ନାଏକ, ଉପାଧ୍ୟକ୍ଷ ହରଭଙ୍ଗା ବ୍ଲକ ସରୋଜ କୁମାର ପ୍ରଧାନ, ରାଧାନଗର ସରପଂଚ ଗଣେଶ ବେହେରା ଏବଂ ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

ଭୋକେସନାଲ୍ ଟ୍ରେନର ମହାସଂଘର ଗଣଧାରଣା

ଭୁବନେଶ୍ୱର ,୨/୧୧ (ନି.ପ୍ର): ରାଜ୍ୟର ୧୦୨୨ଗୋଟି ବିଭିନ୍ନ ସରକାରୀ ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କାମ କରୁଥିବା ୨୦୪୪ ଭୋକେସନାଲ୍ ଟ୍ରେନର ମାନେ ଦୀର୍ଘଦିନ ହେଲା ଗୋଟେ ପ୍ରାଇଭେଟ୍ କମ୍ପାନୀ ମାଧ୍ୟମରେ ନିଯୁକ୍ତି ପାଇଥିଲା ବେଳେ ସେମାନେ ବାରମ୍ବାର ତିନିଦଫା ଦାବି ପୂରଣ ପାଇଁ ଆନ୍ଦୋଳନ, ଧାରଣା ଓ ବିକ୍ଷୋଭ ଆଦି କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର କୌଣସି ଦାବି ପୂରଣ କରିନଥିବାରୁ ବାଧ୍ୟହୋଇ ଆଜିଠାରୁ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦେବାପାଇଁ ନିଷ୍ପତି ନିଆଯାଇଛି ବୋଲି ମହାସଂଘ ତରଫରୁ ସୂଚନା ଦିଆଯାଇଅଛି । ପୂର୍ଣ୍ଣ ସରକାରୀ ମାନ୍ୟତା ସହ ସରକାରୀ ଶିକ୍ଷକମାନଙ୍କ ସହିତ ସମାନ ସୁବିଧା ସୁଯୋଗ ଓ ଦରମା , ସ୍କୁଲ୍‌ମାନଙ୍କରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ଭଳି ଆମେ ପଢାଉଥିବା ଭୋକେସ୍‌ନାଲ ପାଠକୁ ତୃତୀୟ ଅପସନାଲ୍ ଭାବେ ଗ୍ରହଣ କରିବା ସହ ଦରମା ବୃଦ୍ଧି , ସରକାରୀ ପଲିସ୍‌ରେ ଏନ୍‌ରୋଲଡ୍ ଆଦି ଦାବି ରହିଥିବା ଅଲ୍ ଓଡ଼ିଶା ଭୋକେସନାଲ୍ ଟ୍ରେନର ମହାସଂଘର ରାଜ୍ୟ ସଭାପତି ସୁନୀଲ୍ କୁମାର ଦେବତା । ଆମ ପାଇଁ ସରକାରଙ୍କ ପାଖରେ କିଛି ଜବ୍ ପଲିସି ନାହିଁ କି ପ୍ରାଇଭେଟ୍ କମ୍ପାନୀ ଭିଟିପି ଅଧିନରୁ ସରକାର ତାଙ୍କ ଅଧିନକୁ ଆମକୁ ନେଉନାହାଁନ୍ତି କି 'ସମାନ କାମକୁ ସମାନ ଦରମା' ଦେଉନଥିବା ଯୋଗୁଁ ଆନ୍ଦୋଳନକୁ ବାହାରିଲୁ ବୋଲି କହିଛନ୍ତି ମହାସଂଘର ଆବାହିକା ମନୀଷା ପଣ୍ଡା । ଯଦି ସରକାର ଆମ ଦାବି ନ ଶୁଣନ୍ତି, ତେବେ ଆମେ ଆଉ ଘରକୁ ଫେରିବୁ ନାହିଁ । ଏହିଠାରେ ଆନ୍ଦୋଳନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରଖିବୁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

କୋଭିଡ୍ ବଢ଼ାଇଛି ଆତ୍ମହତ୍ୟା ପ୍ରବଣତା, ନିଦ୍ରାହୀନତା

ଭୁବନେଶ୍ୱର ,୨/୧୧ (ନି.ପ୍ର): କୋଭିଡ ମହାମାରୀ ପରେ ରାଜ୍ୟରେ ଯୁବପିଢ଼ିଙ୍କ କ୍ଷେତ୍ରରେ ଆତ୍ମହତ୍ୟାପ୍ରବଣତା ବଢ଼ିଛି । ପ୍ରାୟତଃ ସବୁ ଆତ୍ମହତ୍ୟା ଏକପ୍ରକାରର । କୋଭିଡ ମହାମାରୀ ପରେ ଏହି ହାର ବଢ଼ିଥିଲେ ବି ଗତ ୨/୩ମାସ ଭିତରେ ଏହାର ତୀବ୍ରତା ସାମ୍ନାକୁ ଆସିଛି । ଯୁବପିଢ଼ିଙ୍କ କ୍ଷେତ୍ରରେ ଏଭଳି ଆତ୍ମହତ୍ୟାପ୍ରବଣତା ବଢ଼ିବା ବିଶେଷଜ୍ଞ, ଅଭିଭାବକଙ୍କୁ ଚିନ୍ତାରେ ପକାଇଛି । ରାଜଧାନୀର ଦୁଇଟି ପ୍ରମୁଖ ସରକାରୀ ଡାକ୍ତରଖାନା କ୍ୟାପିଟାଲ ହସ୍ପିଟାଲ ଓ ଏମ୍‌ସର ବହିର୍ବିଭାଗରେ 'ଯାଞ୍ଚ ବେଳେ ଚାଞ୍ଚଲ୍ୟକର ତଥ୍ୟ ପାଇଛି । ସବୁଠାରୁ ବଡ଼ କଥା ହେଲା, ଏଭଳି ମାନସିକ ରୋଗୀଙ୍କ ସଂଖ୍ୟା ପାଖାପାଖି ଦ୍ୱିଗୁଣିତ ହୋଇଯାଇଛି । ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ବା ଏନ୍‌ସିଆରବିର ରିପୋର୍ଟରେ କୋଭିଡ ପୂର୍ବରୁ ଓ ପରବର୍ତୀ ସମୟରେ ହୋଇଥିବା ଆତ୍ମହତ୍ୟା ପରିସଂଖ୍ୟାନକୁ ନେଇ ଏବେ ବିଶେଷଜ୍ଞ ଚିନ୍ତାରେ । ୨୦୧୯ମସିହାରେ ରାଜ୍ୟରେ ୪୫୮୨ ଲୋକ ଆତ୍ମହତ୍ୟା କରିଥିଲେ । ୨୦୨୦ରେ ଏହା ୫୫୪୬କୁ ବୃଦ୍ଧି ପାଇଥିଲା । ୨୦୨୧ରେ ଏହା ପୁଣି ବଢ଼ି ୫୬୫୧ ଛୁଇଁଛି । ଗତ ୨ବର୍ଷ ଭିତରେ ରାଜ୍ୟରେ ଆତ୍ମହତ୍ୟା ହାର ୨୪ ପ୍ରତିଶତ ବୃଦ୍ଧି ପାଇଛି ।ଏବେ ନିୟମିତ ଗଣମାଧ୍ୟମରେ ଆତ୍ମହତ୍ୟା ରିପୋର୍ଟ ସଙ୍କେତ ଦେଉଛି ଯେ ଏହି ସଂଖ୍ୟା ତଳକୁ ଖସିନପାରେ । ସେପଟେ ଏସ୍‌ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କୋଭିଡ ପରେ ହସ୍ପିଟାଲରେ ମାନସିକ ରୋଗୀଙ୍କ ଆଡମିସନ୍ ପ୍ରାୟତଃ ଶତ ପ୍ରତିଶତ ରହିଛି । ମଧ୍ୟ ବୟସ୍କ, କିଶୋର ଓ ଛାତ୍ରଛାତ୍ରୀ ଏହାର ଅଧିକ ଶିକାର ହେଉଛନ୍ତି । ନିର୍ଦ୍ଦିଷ୍ଟଭାବେ କହିବାକୁ ଗଲେ ୧୯-୩୦ବର୍ଗର ଅଧିକ ଲୋକ ସଂଖ୍ୟାରେ ରୋଗୀ ଅଛନ୍ତି । ଗତ ୨ବର୍ଷ ଭିତରେ ଏମ୍‌ସରେ ୨୦ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହେଲେଣି । ମାନସିକ ଅବସାଦ ପଛର ମୂଳ କାରଣ ହେଉଛି ପାରିବାରିକ ସମସ୍ୟା, ପରୀକ୍ଷା, ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଫଳତା, ପ୍ରେମ ଓ ନିଶାର ବ୍ୟବହାର ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି ।

ଏମ୍ସ ଭୁବନେଶ୍ୱରରେ ସ୍ୱଚ୍ଛତା ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର ,୨/୧୧ (ନି.ପ୍ର): "ଏମ୍ସ ଭୁବନେଶ୍ୱରକୁ ସଫା ରଖିବା ସମସ୍ତଙ୍କ ଦାୟିତ୍ୱ । ଏହି ଜାତୀୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନକୁ ଚିକିତ୍ସା ନିମନ୍ତେ ଆସୁଥିବା ହଜାର ହଜାର ରୋଗୀଙ୍କ ପାଇଁ ଏକ ସ୍ୱଚ୍ଛ, ଡାକ୍ତରଖାନା ଯୋଗାଇବାଦେବା ନିମନ୍ତେ ଏହି ଅନୁଷ୍ଠାନର ସମସ୍ତ ହିତାଧିକାରୀ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ ବୋଲି ଏମ୍ସ ଭୁନେଶ୍ୱରର ସଭାପତି ତଥା ଦେଶର ବିଶିଷ୍ଟ ଚିକିତ୍ସକ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି । ଏମ୍ସରେ ଦୀର୍ଘ ଏକ ମାସ ଧରି ଚାଲିଥିବା ସ୍ୱଚ୍ଛତା ଅଭିଯାନ-୨.୦ର ସମାରୋପ ସମାରୋହ ଅବସରରେ ଏପରି ମତ ରଖିଛନ୍ତି ଡକ୍ଟର ସୁବ୍ରତ ଆଚାର୍ଯ୍ୟ । ଏମ୍ସ ଭୁନେଶ୍ୱର ମିନି ଅଡିଟୋରିୟମରେ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ ସଫଳତାର ସହିତ ଏହି ଅଭିଯାନକୁ ସମାପ୍ତ କରିଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏଥି ସହିତ ସ୍ୱଚ୍ଛତା ରୂପକ ଯାତ୍ରାକୁ ନିତିଦିନିଆ ଜୀବନର ଅଂଶ ଭାବେ ପାଳନ କରିବାକୁ ଆହ୍ୱାନ କରିଥିଲେ ଡ ବିଶ୍ୱାସ ।

ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱର ଡି ନ ଡକ୍ଟର ପି ଆର ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ ସଚ୍ଚିଦାନନ୍ଦ ମହାନ୍ତି, ଡିଡିଏ (ଭାରପ୍ରାପ୍ତ) ରଶ୍ମି ରଂଜନ ସେଠୀ, ଏଫଏ ପି କେ ସା ହୁ, ଏସ୍ ଇ କେ ପି ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଜୀବନର ଏକ ଅଂଶ ଭାବରେ ସ୍ୱଚ୍ଛତା ଅଭ୍ୟାସ କରିବା ନେଇ ସଚେତନତା ସୃଷ୍ଟି ପାଇଁ ନର୍ସିଂ ଦଳ ଦ୍ୱାରା ଏକ ନୁକ୍କଡ ପରିବେଷଣ କରାଯାଇଥିଲା । ସମ୍ପୂର୍ଣ୍ଣ ଅଭିଯାନର ଏକ ବୃତ ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା । ବୃକ୍ଷରୋପଣ, ଜନ ସ୍ୱଚ୍ଛତା ଅଭିଯାନ, ଜନସଚେତନତା ଅଭିଯାନ (ବିଦ୍ୟାଳୟ, ଆନ୍ତରାଜ୍ୟ ବସ୍ ଟର୍ମିନାଲ୍, ସପିଂ ମଲ୍), କର୍ମଚାରୀଙ୍କ ସନ୍ତାନ ଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ପ୍ରବନ୍ଧ ଲେଖା ପ୍ରତିଯୋଗିତା ଏବଂ ଏହି ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆାଇଥିଲା । ଏଥିସହ, ମାସର ପ୍ରତ୍ୟେକ ଦିନକୁ ବିଭିନ୍ନ ବିଭାଗକୁ ଦିଆଯାଇଥିଲା ଏବଂ ପ୍ରତ୍ୟେକ ବିଭାଗ ବିଶେଷ କାର୍ଯ୍ୟକଳାପ କରି ଏହି ମେଗା ଅଭିଯାନରେ ସହଯୋଗ କରିଥିଲେ ।

ଶ୍ରେଷ୍ଠ ଆଇସିୟୁ, ୱାର୍ଡ, ଓପିଡି, ଓଟି ଏବଂ ୟୁନିଟ୍, ପ୍ରବନ୍ଧ ଲେଖା ପ୍ରତିଯୋଗିତା ଏବଂ ପେଂଟିଂ ପ୍ରତିଯୋଗିତାର ବିଭିନ୍ନ ପ୍ରତିଯୋଗିତାର ସମସ୍ତ ବିଜେତାଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।

ଉଲ୍ଲେଖଯୋଗ୍ୟ ଯେ ଏମ୍ସ ଭୁବନେଶ୍ୱର ସ୍ୱଚ୍ଛତା କୁ ନେଇ ଶ୍ରେଷ୍ଠତା ପାଇଁ କ୍ରମାଗତ ତିନି ବର୍ଷ ପାଇଁ ସର୍ବୋତମ କାୟାକଳ୍ପ ପୁରସ୍କାର ପାଇଛି ।

ସଙ୍ଗୀତ ନାଟକ ଏକାଡେମି ଦେଉନି 'ସଙ୍ଗୀତ ନିର୍ଦ୍ଦେଶକ ପୁରସ୍କାର'

ଭୁବନେଶ୍ୱର ,୨/୧୧ (ନି.ପ୍ର): ନୃତ୍ୟ, ନାଟକ ଓ ସଙ୍ଗୀତ କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ପକ୍ଷରୁ ପ୍ରତିବର୍ଷ କଳାକାରମାନଙ୍କୁ ସମ୍ମାନିତ କରାଯାଏ । ଏକାଡେମିର ସର୍ବୋଚ୍ଚ ସମ୍ମାନ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ'କୁ ଛାଡ଼ି ନୃତ୍ୟ, ନାଟକ ଓ ସଙ୍ଗୀତ ଆଦିରୁ ସମୁଦାୟ ୧୫ଟି ବିଭାଗରେ ୧୫ ଜଣ କୃତୀ କଳାକାରଙ୍କୁ ଏହି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମି ପୁରସ୍କାର ପ୍ରଦାନ କରାଯାଏ । ସଙ୍ଗୀତ କ୍ଷେତ୍ରରେ ଲୋକ ସଙ୍ଗୀତ, ଲୋକବାଦ୍ୟ, ଯନ୍ତ୍ର ସଙ୍ଗୀତ, ଓଡ଼ିଶୀ କଣ୍ଠ ସଙ୍ଗୀତ, ସୁନନ୍ଦା ସମ୍ମାନ (ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ), ସୁଗମ ସଙ୍ଗୀତ ଓ ଗୀତିକବିତାକୁ ନେଇ ସାରଦା ପ୍ରସାଦ ସମ୍ମାନ ପ୍ରଦାନ କରାଯାଉଛି । କିନ୍ତୁ ସଙ୍ଗୀତକୁ ବଳିଷ୍ଠ, ରଦ୍ଧିମନ୍ତ ତଥା ଶ୍ରୁତିମଧୁର କରିବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ସଙ୍ଗୀତ ନିର୍ଦ୍ଦେଶକଟିଏ ପାଇଁ ଏକାଡେମି ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ । ଏହାକୁ ନେଇ ସଙ୍ଗୀତ ଜଗତରେ ଅସନ୍ତୋଷ ଲାଗି ରହିଥିବା ବେଳେ ଯଥାଶୀଘ୍ର ଏକାଡେମି ପକ୍ଷରୁ 'ସଙ୍ଗୀତ ନିର୍ଦ୍ଦେଶକ ଏକାଡେମି ପୁରସ୍କାର' ପ୍ରଦାନ କରାଯାଉ ବୋଲି ଦାବି ଉଠିଛି । ଚଳଚ୍ଚିତ୍ର ସଙ୍ଗୀତ ହେଉ ବା ଯେକୌଣସି ସଙ୍ଗୀତ; ସଙ୍ଗୀତ ସଂଯୋଜନାର ଗୁରୁଦାୟିତ୍ୱ ବହନ କରନ୍ତି ସଙ୍ଗୀତ ନିର୍ଦ୍ଦେଶକ । ଗୀତର ରଚନା ଯେତେ ସୁନ୍ଦର ହେଉଥାଉ ନା କାହିଁକି, କଣ୍ଠଶିଳ୍ପୀ ଯେତେ ମାହିର ହେଉଥାନ୍ତୁ ନା କାହିଁକି; ଜଣେ ସଙ୍ଗୀତ ନିର୍ଦ୍ଦେଶକଙ୍କ ବିନା ଏହା ଶ୍ରୋତାଙ୍କ ପାଖରେ ପହଞ୍ଚ ପାରିବ ନାହିଁ । କବିତା ବା ଏକ ଲେଖାକୁ ସଙ୍ଗୀତର ରୂପ ସଙ୍ଗୀତ ନିର୍ଦ୍ଦେଶକ ଦେଉଥିବା ବେଳେ ତାଙ୍କୁ ସମ୍ମାନିତ କରିବା ପାଇଁ ଏକାଡେମି ପକ୍ଷରୁ ସେମିତି କୌଣସି ବ୍ୟବସ୍ଥା ନ ରହିବା ଅତ୍ୟନ୍ତ ଦୁଭାଗ୍ୟଜନକ ବୋଲି 'ଓଡ଼ିଶା ମ୍ୟୁଜିକ ଆର୍ଟିଷ୍ଟ ଓ୍ୱେଲ୍‌ଫେୟାର ଆସୋସିଏସନ୍' ପକ୍ଷରୁ କୁହାଯାଇଛି । ଏଥିସହ ଯଥାଶୀଘ୍ର ଏକାଡେମିର ପୁରସ୍କାରରେ 'ସଙ୍ଗୀତ ନିର୍ଦ୍ଦେଶକ ଏକେଡେମି ସମ୍ମାନ'କୁ ସଂଯୋଗ କରିବାକୁ ଆସୋସିଏସନ୍ ଦାବି କରିଛି । ଏ ସମ୍ପର୍କରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ଦାବିପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି । ଓଡ଼ିଆ ମ୍ୟୁଜିକ ଆର୍ଟିଷ୍ଟ ଓ୍ୱେଲ୍‌ଫେୟାର ଆସୋସିଏସନ୍‌ର ସଭାପତି ଅଭିଜିତ୍ ମଜୁମ୍‌ଦାର କହିଛନ୍ତି, ଯଦି ଗୋଟିଏ ପରିବାରର ସବୁ ସଦସ୍ୟଙ୍କ କୃତୀକୁ ଆମେ ସମ୍ମାନ ଦେଉଛେ ତେବେ ମୁରବୀଙ୍କୁ ସମ୍ମାନିତ କରିବା ନାହିଁ କିଭଳି ? ସଙ୍ଗୀତ ପରିବାରର ମୁରବୀ ହେଉଛନ୍ତି ସଙ୍ଗୀତ ନିର୍ଦ୍ଦେଶକ । ତାଙ୍କ ଯୋଗୁଁ ହିଁ ସଙ୍ଗୀତରେ ସ୍ୱର ସଂଯୋଜିତ ହୁଏ, ଆଉ ତାଙ୍କ ଅବଦାନକୁ ଆମେ ଅସ୍ୱୀକାର କରିବା କିଭଳି ? ଏଣୁ ଏକାଡେମି ପକ୍ଷରୁ ସ୍ୱତନ୍ତ୍ର ଭାବେ ପୁରସ୍କାର' ଘୋଷଣା ହୋଇ ଯୋଗ୍ୟଙ୍କୁ ସମ୍ମାନିତ କରାଯା

ଟାଟା ପାୱାର ମିଟର ରିଡରମାନଙ୍କର ସମାବେଶ

ବାରିପଦା,୦୨/୧୧ (ନି.ପ୍ର): ଟାଟା ପାୱାର ମିଟର ରିଡର କର୍ମଚାରୀ ମାନଙ୍କର ବିଭିନ୍ନ ଦାବି ନେଇ ଆଜି ସଂଘର ଜିଲ୍ଲା ସଭାପତି ସୁବ୍ରମଣ୍ୟମ ମହାନ୍ତି ଅଧ୍ୟକ୍ଷତାରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ନେସ୍କୋ ପାୱାର ଏମ୍ପ୍ଲୋଇଜ ସଂଘର ଉପସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରାଙ୍କ ଆହ୍ୱାନରେ ଶତାଧିକ ବିଦ୍ୟୁତ ମିଟର ରିଡର କର୍ମଚାରୀ ଉପସ୍ଥିତ ହୋଇ ଗତ ତା୧୮.୧୦.୨୦୨୨ ରିଖ ଗୋପାଲ ଏଂଟର ପ୍ରାଇଜେସ ଦ୍ୱାରା ମିଟର ରିଡର ମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଗୁଡ଼ିକ ପୂରଣ ହୋଇନଥିବାରୁ ମିଟର ରିଡର ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ସମାବେଶରେ ମିଟର ରିଡର ମାନଙ୍କର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯିବା ସହିତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ନହେଲେ ସୃଷ୍ଟି ହେବାକୁ ଥିବା ବିଶାଳ କର୍ମଚାରୀ ଆନ୍ଦୋଳନ ଏବଂ ଶ୍ରମିକ ଅଶାନ୍ତି ପାଇଁ ବିଭାଗୀୟ ଅଧିକାରୀ ତଥା ଗୋପାଲ ଏଂଟର ପ୍ରାଇଜେସ ଠିକା ସଂସ୍ଥା ଦାୟୀ ରହିବେ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି । ଦାବିଗୁଡ଼ିକ ମଧ୍ୟରେ ନିଯୁକ୍ତି ଦିନ ଠାରୁ ସର୍ବନିମ୍ନ ମଜୁରୀ ଠାରୁ କମ୍ ଦରମା ଦିଆଯାଉଥିବାରୁ ଉଚିତ ଦରମା ପ୍ରଦାନ, କର୍ମଚାରୀଙ୍କୁ କେବଳ ରିଡିଂ କାର୍ଯ୍ୟରେ ନିୟୋଜିତ କରାଯିବା, ମିଟର ରିଡିଂ କାର୍ଯ୍ୟ ଛାଡ଼ି ଅନ୍ୟ କାର୍ଯ୍ୟ ପାଇଁ ଅଲଗା ଭତା ଦେବା, ଇପିଏଫ ଓ ଇଏସଆଇ ଠିକ ଭାବରେ ପୈଠ କରିବା, ଇଏସଆଇ କାର୍ଡ ପ୍ରଦାନ, ତୁରନ୍ତ ପରିଚୟ ପତ୍ର ଓ ନିଯୁକ୍ତି ପତ୍ର ସହ ପ୍ରତିମାସ ଦରମା ଚିଠା ପ୍ରଦାନ କରିବା । ଶ୍ରମ ଆଇନ ଅନୁସାରେ ପ୍ରତ୍ୟେକ ମାସ ୭ ତାରିଖ ଭିତରେ ଦରମା ଦେବା, ସମସ୍ତଙ୍କୁ ଡ୍ରେସକୋଡ ଦେବା ଏବଂ ପ୍ରତ୍ୟେକ ମାସ ତୈଳ ଭତା ଓ ମୋବାଇଲ ରିଚାର୍ଜ କରାଯିବା ଆଦି ଦାବି ମାନ ରଖା ଯାଇଛି । ଉକ୍ତ ସମାବେଶରେ ଜ୍ଞାନ ରଂଜନ ପରିଡ଼ା, ଚନ୍ଦନ କୁମାର ଜେନା, ସଂଜୟ କୁମାର ଘୋଷ, ପ୍ରଦୀପ ଖିଲାର, ବିକ୍ରମ ମହାରଣା, ସପନ ଦାସ, ସଂଜୀବ କୁମାର ସରେନ, ଜୟକୃଷ୍ଣ ପତି, ରାକେଶ ରଂଜନ ମହାପାତ୍ର, ବିଚିତ୍ର ଭୂୟାଁ, କାଳିପଦ ସାହୁ, ପ୍ରଦୀପ ଜେନା, ରାଜୁ ମହାନ୍ତ, ପରମେଶ୍ୱର ସିଂ, ପ୍ରଣବ ଦାସ ପ୍ରମୁଖ ବହୁ ସଂଖ୍ୟାରେ ମିଟର ରିଡରମାନେ ଯୋଗଦେଇଥିଲେ ।

କରମଣ୍ଡଳ ଇଣ୍ଟରନ୍ୟାସନାଲ ପକ୍ଷରୁ ଚାଷୀ ସମ୍ବର୍ଦ୍ଧନା ପର୍ବ

ବାଲେଶ୍ୱର,୦୨/୧୧ (ନି.ପ୍ର): କରମଣ୍ଡଳ ଇଣ୍ଟରନ୍ୟାସନାଲ ଫର୍ଟିଲାଇଜର କମ୍ପାନୀ ଆଞ୍ଚଳିକ କ୍ଷେତ୍ର ପକ୍ଷରୁ 'ଗ୍ରୋମର ଖରିଫ ଧମାକା' କାର୍ଯ୍ୟକ୍ରମ ଓ ଚାଷୀ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । କମ୍ପାନୀର ପୂର୍ବତନ ଆଞ୍ଚଳିକ ମୁଖ୍ୟ ମନୋଜ ଚୌଧୁରୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀ ଓ ଚାଷର ଉନ୍ନତି ପାଇଁ ଗ୍ରୋମର ସାର ଚାଷୀଙ୍କ ସାଥୀ ହୋଇଆସିଛି ବୋଲି କହିଥିଲେ । ୧୯୬୪ ମସିହାରୁ ଦେଶର ସାର ଉତ୍ପାଦନ ଆରମ୍ଭ କରିଥିବା ଏହି କମ୍ପାନୀ ଗୁଣବତ୍ତା ସହ କେବେ ସାଲିସ କରି ନାହିଁ । ଦେଶର ପ୍ରଥମ ଅଣୁସାର ଓ ଜୈବିକ ସାର ଉତ୍ପାଦନରେ କରମଣ୍ଡଳ ଇଣ୍ଟରନ୍ୟାସନାଲ ଫର୍ଟିଲାଇଜର ଚାଷୀଙ୍କର ବିଶ୍ୱାସ ଓ ଭରସା ଜିତିଛି । ଆଗାମୀ ଦିନରେ ବି ଏହି ଧାରା ଜାରି ରହିବ ବୋଲି ଶ୍ରୀ ଚୌଧୁରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । କମ୍ପାନିର ଉତ୍ତର ଓଡ଼ିଶା ଜୋନ ତଥା ଦେଶର ପୂର୍ବ ବିଭାଗ ମୁଖ୍ୟ ବିଷ୍ଣୁ ପ୍ରସାଦ ମିଶ୍ର, ବ୍ୟବସାୟିକ ପ୍ରବନ୍ଧକ ସୂତାନୁ ଶଙ୍କ ଘୋଷ, ଜୋନାଲ ପ୍ରବନ୍ଧକ ବଳରାମ ପଟ୍ଟନାୟକ, କ୍ଷେତ୍ର ବିଶେଷଜ୍ଞ ଆଦିତ୍ୟ ପାତ୍ର, ବାଲେଶ୍ୱର ମାର୍କେଟିଂ ଅଫିସର ମନଜିତ ସାହୁ, ଭଦ୍ରକର ସୌଭାଗ୍ୟ ସ୍ୱାଇଁ, ଭୁବନେଶ୍ୱରର ଜ୍ୟୋତିରଂଜନ ଚୌଧୁରୀ ଓ ରାଜ୍ୟ କ୍ଷେତ୍ର ଅଧିକାରୀ ରଞ୍ଜନ ଦାସ ପ୍ରମୁଖ ଏଥିରେ ଯୋଗଦେଇ ଗ୍ରୋମର ସାରର ଗୁଣବତ୍ତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଆଗାମୀ ଦିନରେ କମ୍ପାନି ପକ୍ଷରୁ ଡ୍ରୋନ ସାହାଯ୍ୟରେ ସିଞ୍ଚନ ବ୍ୟବସ୍ଥା କରାଯିବା ନେଇ ପ୍ରସ୍ତୁତି ଚାଲିଛି ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ ।

ବାରିପଦା ୭ନଂ ୱାର୍ଡରେ ବିଜେଡିର ଜନ ସମ୍ପର୍କ ଅଭିଯାନ

ବାରିପଦା,୦୨/୧୧ (ନି.ପ୍ର): ବିଜୁ ଜନତା ଦଳ ତରଫରୁ ସାରା ରାଜ୍ୟରେ ଚାଲୁଥିବା ଜନ ସମ୍ପର୍କ ଅଭିଯାନ ପରିପ୍ରେକ୍ଷୀରେ ଆଜି ବାରିପଦା ପୌରାଂଚଳ ଅନ୍ତର୍ଗତ ୭ ନଂ ୱାର୍ଡରେ ଜନ ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି । ଶହ ଶହ ମହିଳା, ପୁରୁଷମାନେ ସାମିଲ ହୋଇଥିବା ଏହି ପଦଯାତ୍ରା ସ୍ଥାନୀୟ ମହେଶଚନ୍ଦ୍ର ସିହ୍ନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବାହାରି ମଧୁବନ ତଳସାହି, ହୁଡକୋ କଲୋନୀ, ବଗିଚା ସାହି ହୋଇ ମଧୁବନ ଷ୍ଟାଡିୟମରେ ସରିଥିଲା । ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ୭ ନଂ ୱାର୍ଡ କାଉନସିଲର ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଆମନ୍ତ୍ରିତ ହୋଇଥିବା ଏହି ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ଯୋଜନା ବୋର୍ଡର ସଭ୍ୟ ଜିତେନ୍ଦ୍ର ମହାନ୍ତି, ରାଜ୍ୟ ମହିଳା ବିଜୁ ଜନତା ଦଳର ସାଧାରଣ ସମ୍ପାଦିକା ସବିତା ବେହେରା, ଶ୍ରାବଣୀ ଦାସ, ସମ୍ପା ମଜୁମଦାର, ବରିଷ୍ଠ କାଉନସିଲର ଅନନ୍ତ ଦାସ, ଦେବାଶିଷ ପାତ୍ର, ମହେଶ ଭଂଜଦେଓ, ବାରିପଦା ନଗର ସଂଯୋଜକ ନିରୋଜ ସାହୁ, କାଉନସିଲର ମୁର୍ଚ୍ଛନା ମହାନ୍ତି, ଦିଗବିଜୟ ହାଁସଦା, ପୂର୍ବତନ କାଉନସିଲର ବିଶିକେସନ ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ,ଗୀତା ବେହେରା, ମହିଳା ଜନତା ଦଳର ବାରିପଦା ସହର ସଭାନେତ୍ରୀ ସୁରଭି ଦାସ, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ, ରାଜେଶ ଚାନ୍ଦ, ମାନି ଗିରି, ଶିବୁ ରଣା, ଶଙ୍କର୍ଷଣ ପଣ୍ଡା, କପିଲ ଖଣ୍ଡେଲୱାଲ, ସରୋଜ ମହାକୁଡ, ମନୋଜ ସାମଲ, ମାନସ ସେଠୀ, ଝରଣା ପ୍ରଧାନ, ସବିତା ଦାସ, କବିତା ଭୋଇ, ସଂଯୁକ୍ତା ବାରିକ ପ୍ରମୁଖ ସାମିଲ ହୋଇଥିଲେ ।

ଉତ୍କଳ ଗୌରବ ସାଂସ୍କୃତିକ ପରିଷଦ ପକ୍ଷରୁ ବିଶେଷ ସ୍ମୃତି ସଚେତନତା ସଭା

ବାଲେଶ୍ୱର,୦୨/୧୧ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜାତିପ୍ରୀତି ଓ ଜୀବନାଦର୍ଶ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ଓ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ଉଦ୍ଦେଶ୍ୟରେ ବାଲେଶ୍ୱରର ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ହୋଇଥିଲା ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରିନ୍ସ କଲେ ପରିସରରେ ଅନୁଷ୍ଠିତ କାର୍ଯ୍ୟକମରେ ପରିଷଦର ସଭାପତି ତଥା ଯୁବ ଶିଳ୍ପଦ୍ୟୋଗୀ ଲକ୍ଷ୍ମୀନାରାୟଣ ମହାନ୍ତି ଏଥିରେ ସଭାପତିତ୍ୱ କରିବା ସହିତ ସ୍ମୃତିସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପରିଷଦର ସମ୍ପାଦକ ପୁରୁଷତୋମ ବିଶ୍ୱାଳ ମଧୁବାବୁଙ୍କ ଜୀବନଶୈଳୀ ଓ କାର୍ଯ୍ୟଧାରା ଉପରେ ଭାବବିହ୍ୱଳ ବକ୍ତବ୍ୟ ରଖିଥିଲେ । ଓଡ଼ିଆ ଭାଷା ସହିତ୍ୟର ବିଶିଷ୍ଟ ଗବେଷକ ତଥା ପ୍ରାଧାପକ ଡ. ରମାକାନ୍ତ ବେହେରା ଏଥିରେ ଯୋଗଦେଇ ଓଡ଼ିଆ ଭାଷା, ଅନ୍ୟ ଆନ୍ତର୍ଜାତିକ ଭାଷା ସହ କିଭଳି ସାମଞ୍ଜସ୍ୟ ରହିଛି ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଓଡ଼ିଆ ଭାଷାର ଅସ୍ମିତା ସମ୍ପର୍କରେ ସଂସ୍କୃତ ବିଦ୍ୱାନ ଯେଉଁ ଆର୍ତ ଶବ୍ଦ ଉଚ୍ଚାରଣ କରିଥିଲେ "ଉତ୍କଳସ୍ୟ ସମୋଦେଶ ଯଶୋନାସ୍ତି ମହୀତଳେ" ଉଚ୍ଚାରଣ କରି ଆମର ଜାତି ଗଙ୍ଗା ଠାରୁ ଗୋଦାବରି ଗୋଟିଏ ଭାଷା ଓ ଗୋଟିଏ ରାଜ୍ୟରେ ପରିଗଣିତ ହୋଇଥିଲା ବୋଲି ସେ କହିଥିଲେ । ତେବେ ଓଡ଼ିଆ ଭାଷାକୁ ଅବକ୍ଷୟ ପାଇଁ କିଛି ବଙ୍ଗୀୟ କବି ସାହିତ୍ୟିକଙ୍କ ଯେଉଁ ହୀନ ଚକ୍ରାନ୍ତ ଚାଲିଥିଲା ତାହାକୁ ପ୍ରତିହତ କରିବାପାଇଁ ଉତ୍କଳ ଗୌରବ ମଧୁସୂଦନ ଓ ତାଙ୍କର ସହଯୋଗୀ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ ବାଲେଶ୍ୱର ମାଟିରେ ଏକତ୍ରିତ ହୋଇଥିଲେ ବୋଲି ସେ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ନିଜର ମାତୃଭୂମି ଓ ମାତୃଭାଷାର ଇତିହାସ ସମ୍ପର୍କରେ ପ୍ରତ୍ୟେକ ଛାତ୍ରଛାତ୍ରୀ ଜାଣିବା ଏକାନ୍ତ ଆବଶ୍ୟକ ବୋଲି ଡ. ବେହେରା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଆଇନଜୀବୀ ତ୍ରିଦୀବ ନାୟକ, ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ମହାବିଦ୍ୟାଳୟର ଅଧ୍ୟକ୍ଷ ବବିତା ବେହେରା ପ୍ରମୁଖ ଏଥିରେ ଯୋଗଦେଇ ତତ୍କାଳୀନ ଉତ୍କଳର ବିକାଶ ଓ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଆଇନଜୀବୀ ପ୍ରଜ୍ଞା ପରମିତା ବିଶ୍ୱାଳ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସଭାରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ରାଜଲକ୍ଷ୍ମୀ ଦାସ ଏବଂ ପ୍ରତୀକ୍ଷା ସାହୁ ମଧୁବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭାବ ଉଦ୍ଦୀପକ ବକ୍ତବ୍ୟ ଉତଥାପନ କରିଥିଲେ ।

ଭଦ୍ରକର ଗୋପାଳ ଜୀଉ ଗୋଶାଳାରେ ପବିତ୍ର ଗୋଷ୍ଠାଷ୍ଟମୀ ପାଳିତ

ଭଦ୍ରକ,୦୨/୧୧ (ନି.ପ୍ର): ଆମ ହିନ୍ଦୁ ସମାଜରେ ଗୋ ମାତାଙ୍କୁ ଅନ୍ୟତମ ମାତାର ଭୂମିକା ଦିଆଯାଇଛି । ଜନ୍ମିତ ଶିଶୁଟିର ମୁହଁରେ କ୍ଷୀରଦାନ ଠାରୁ ଆରମ୍ଭ କରି ଯାହାର ମଳକୁ ଗୋବର ରୂପେ ପୂଜା କରାଯାଇଥାଏ । ସେହି ଗୋ ମାତାକୁ ଆଜି ହିଂସ୍ର ମାନବ ନାଶ କରିବାରେ ଲାଗିଛି । ଯାହାକି ଅତ୍ୟନ୍ତ ପରିତାପର ବିଷୟ । ତେବେ ଗୋମାତା ସମଗ୍ର ବିଶ୍ୱର ପଶୁଙ୍କ ମଧ୍ୟରେ ଏଭଳି ଏକ ପୂଜନୀୟ ଯେ ଯାହାର କ୍ଷୀର ଠାରୁ ମଳ ପର୍ଯ୍ୟନ୍ତ ଓ ସମଗ୍ର ଶରୀର ମଣିଷର ସେବାରେ ହିଁ ଲାଗିଥାଏ । ଏଣୁ ପ୍ରତ୍ୟେକ ମାନବ ସେମାନଙ୍କର ପରିବାରର କୌଣସି ବ୍ୟକ୍ତିର ଶ୍ରାଦ୍ଧ ବାର୍ଷିକୀ କିମ୍ବା ଜନ୍ମଦିନରେ କୌଣସି ଗୋଶାଳାକୁ ଯାଇ ଗୋମାତାଙ୍କ ସେବା କରିପାରିଲେ ତାହା ହିଁ ଶ୍ରେଷ୍ଠ ପୂଣ୍ୟ କାର୍ଯ୍ୟ ହେବ ବୋଲି ପବିତ୍ର ଗୋଷ୍ଠାଷ୍ଟମୀ ଦିବସରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଭଦ୍ରକର ବହୁ ପୁରାତନ ଶ୍ରୀ ଶ୍ରୀ ଗୋପାଳ ଜୀଉ ଗୋଶାଳା ପକ୍ଷରୁ ଆୟୋଜିତ ଏହି ଉତ୍ସବ ପ୍ରାରମ୍ଭରେ ଗୋମାତାଙ୍କୁ ପୂଜନ କରାଯାଇ ସେମାନଙ୍କୁ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଖାଦ୍ୟ ପଦାର୍ଥ ଭୋଜନ କରାଇଥିଲେ । ଏହାପରେ ଗୋଶାଳାର ସମ୍ମିଳନୀ କକ୍ଷରେ ଆୟୋଜିତ ସଭା ଆବାହକ ତଥା ପୂର୍ବତନ ସଂପାଦକ ଅଧିବକ୍ତା ପବନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋଶାଳାର ସଭାପତି ବିଶିଷ୍ଟ ସମାଜସେବୀ କାଶୀନାଥ ସାହୁ, ଉପସଭାପତି ତଥା ବିଶିଷ୍ଟ ସମାଜସେବୀ କିଶୋର ମହାପାତ୍ର, ସଂପାଦକ ଶ୍ୟାମସୁନ୍ଦର ଗୁପ୍ତା ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ଅତିଥି ଭାବେ ପୌର ଉପାଧ୍ୟକ୍ଷା ଅଂଜୁବାଳା ଜେନା, ପୂର୍ବତନ କାଉନ୍‌ସିଲର ପ୍ରବୀର ଜେନା ଓ ଅଧିବକ୍ତା ତଥା ଆଜୀବନ ସଦସ୍ୟ ଅତିଶ ବେହେରା ପ୍ରମୁଖ ଯୋଗଦେଇ ଏହି ପୁରାତନ ଗୋଶାଳାର ବିଭିନ୍ନ ସମସ୍ୟାର ସମାଧାନ କ୍ଷେତ୍ରରେ ସରକାରଙ୍କ ସମେତ ସ୍ଥାନୀୟ ଜନନେତା ଓ ଭଦ୍ରକର ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଆଗେଇ ଆସିବାକୁ ଅନୁରୋଧ କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଶାଳ ଲାଖାନୀ, ନିରଞ୍ଜନଲାଲ ଗୁପ୍ତା, ସୁରେଶ ଗୁପ୍ତା ଓ ରାଜକିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

ସଦର ବିଇଓଙ୍କ ଅବହେଳାରୁ ଶତାଧିକ କର୍ମଚାରୀ ଓ ବେତନ ଭୋଗୀ ହଇହଟ୍ଟା

ବାଲେଶ୍ୱର,୦୨/୧୧ (ନି.ପ୍ର): ନିକଟରେ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ସାରା ରାଜ୍ୟରେ ୩୭ ଜଣ ବିଇଓ (ଗୋଷ୍ଠି ଶିକ୍ଷା ଅଧିକାରୀ) କୁଁ ନିଯୁକ୍ତି ମିଳିଥିଲା । ସେଥିମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ସଦର, ଭୋଗରାଇ ଓ ବାହାନଗାରେ ବିଇଓ ପଦ ପୁରଣ ହୋଇଅଛି । ବାଲେଶ୍ୱର ସଦର ବିଇଓ ଶ୍ରୀ ମିହିର ପ୍ରଧାନ ଗତ ସେପ୍ଟେମ୍ବର ୩୦ ତାରିଖରେ ଅବସର ନେବାପରେ ଏହି ପଦଟି ସରକାର ପୁରଣ କରିଥିଲେ । ମାତ୍ର ନୂତନ ବିଇଓ କାର୍ଯ୍ୟରେ ଯୋଗ ନଦେବାରୁ ଏହି ବିଇଓକଂ ଅଧିନରେ ଥିବା ଗଣଶିକ୍ଷକ,ଜିଲ୍ଲା ପରିଷଦ ଶିକ୍ଷକ, ପ୍ରାଥମିକ ଶିକ୍ଷକ,ଏମ୍‌ଭ ଶିକ୍ଷକ, ୟୁଜି ୟୁପି ଶିକ୍ଷକ ଏବଂ କର୍ମଚାରୀ ମୋଟ୍ ପ୍ରାୟ ଏକ ହଜାରରୁ ଉର୍ଦ୍ଧ ହୋଥିବାବେଳେ ପ୍ରଭିଜୋନାଲ ପେନ୍‌ସନ୍ ପାଉଥିବା ପେନ୍‌ସନ୍‌ଧାରୀ ମାନେ ଏଭଳି ପାର୍ବଣ ଋତୁରେ ସେମାନଂକ ବେତନ ଓ ପେନ୍‌ସନ ଅଦ୍ୟାବଦ୍ଧି ପାଇବାରେ ବଂଚିତ ହୋଇଛନ୍ତି । ମାସର ଶେଷ କାର୍ଯ୍ୟ ଦିବସରେ ଦରମା ଏବଂ ପେନସନ୍ ପାଇବାର ସରକାରକଂ କଡାକଡି ନିୟମ ଥିବା ବେଳେ ଏହା ବାଲେଶ୍ୱର ସଦରରେ ବ୍ୟତିକ୍ରମ ଘଟିଛି । ଏଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ ଅଟେ ।

ଭଦ୍ରକରେ ୟେଜ୍‌ଦୀ ଓ ଜାୱାର ନୂତନ ଶୋ-ରୁମ ଉଦ୍‌ଘାଟିତ

ଭଦ୍ରକ,୦୨/୧୧ (ନି.ପ୍ର): ଭଦ୍ରକ ମୋଟେଲ ଛକ ଠାରେ ୟେଜ୍‌ଦୀ ଓ ଜାୱା ବାଇକ୍‌ର ନୂତନ ଶୋ-ରୁମ୍ ଉଦ୍‌ଘାଟିତ ହୋଇ ଯାଇଛି । ପି.ଏନ. ଗ୍ରୁପ୍ ଦ୍ୱାରା ପରିଚାଳିତ ଏହି ନୂତନ ଶୋ-ରୁମ୍‌କୁ ପି.ଏନ୍. ଗ୍ରୁପ୍‌ର ମୁଖ୍ୟ ଶେଖର ମହାପାତ୍ର ଫିତା କାଟି ଏହାର ଉଦ୍‌ଘାଟନ କରିଥିଲେ । ଭଦ୍ରକ ଜିଲ୍ଲାର ଯୁବ ପିଢିଙ୍କୁ ଏହି ଦୁଇ କମ୍ପାନୀର ବାଇକ୍ ଏକ ନୂତନ ପ୍ରେରଣା ଯୋଗାଇବ । ସମୟ ଏବଂ ଚାହିଦାକୁ ନେଇ ଦେଶର ସର୍ବ ପୁରାତନ କମ୍ପାନୀ ଏବେର ପିଢି ଦ୍ୱାରା ଆଦୃତ ହେବ ବୋଲି ଶ୍ରୀଯୁକ୍ତ ମହାପାତ୍ର କହିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପି.ଏନ୍. ଗ୍ରୁପ୍‌ର କିଶୋର ମହାପାତ୍ର, ରାଜେନ୍ଦ୍ର ମହାପାତ୍ର, ସୀତାଂଶୁ ମହାପାତ୍ର, ହିମାଂଶୁ ମହାପାତ୍ର, ଦୀପାଂଶୁ ମହାପାତ୍ର, ପ୍ରବୀର ଜେନା ପ୍ରମୁଖ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

ଚେନ୍ନାଇ ଗଲେ ମମତା ବାନାର୍ଜୀ

କୋଲକାତା,୦୨/୧୧: ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କାର୍ଯ୍ୟବାହକ ରାଜ୍ୟପାଳ ଲା ଗଣେଶନଙ୍କ ଭାଇଙ୍କ ଜନ୍ମଦିନର ଆମନ୍ତ୍ରଣ ମିଳିବା କାରଣରୁ ଚେନ୍ନାଇ ପାଇଁ ଯାଇଛନ୍ତି । ଏଠାରେ ଦମ୍‌ଦମ୍ ଏୟାରପୋର୍ଟରେ ମିଡିଆ ସହିତ କଥାହେବା ସମୟରେ ସେ ଗୁଜୁରାଟ ଦୁର୍ଘଟଣା ଉପରେ ମନ୍ତବ୍ୟ ଦେଇଛନ୍ତି । ମୋରବୀ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ବିଷୟରେ ଆପଣ କ'ଣ କହିବେ ବୋଲି ପଚରା ଯିବାରୁ ଏହାର ଉତରରେ ସେ କହିଥିଲେ ଯେ ଏହି ଦୁର୍ଘଟଣାରେ କେତେକ ଲୋକଙ୍କ ଜୀବନ ଯାଇଛି । ଏହା ଉପରେ ମୁଁ ରାଜନୀତି କରିବାକୁ ଚାହୁଁନାହିଁ । ଏହାକୁ ମାନବୀୟ ଦୃଷ୍ଟିରେ ଦେଖାଯିବା ଦରକାର । ଏହାର ସୁପ୍ରିମ କୋର୍ଟର ତତ୍ତ୍ୱାବଧାନରେ ନ୍ୟାୟିକ ଯାଂଚ ହେବା ଉଚିତ୍ । ସେ କହିଛନ୍ତି ଏହି ଦୁର୍ଘଟଣା ପାଇଁ ଯେଉଁ ଲୋକମାନେ ଦାୟୀ, ତାଙ୍କୁ କଠୋରରୁ କଠୋର ସଜା ହେବା ଦରକାର ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ବାଲିଷ୍ଟିକ କ୍ଷେପଣାସ୍ତ୍ର ଇଂଟରସେପ୍ଟର....

ବାହନକୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପର୍ଯ୍ୟନ୍ତ ସଠିକ ଭାବେ ମାର୍ଗଦର୍ଶନ କରିବା ଲାଗି ଏଥିରେ ସ୍ୱଦେଶୀ ଭାବେ ବିକଶିତ ଉନ୍ନତ ନିୟନ୍ତ୍ରଣ ପ୍ରଣାଳୀ, ନାଭିଗେସନ ବା ଦିଗ ନିର୍ଣ୍ଣୟ ବ୍ୟବସ୍ଥା ଏବଂ ମାର୍ଗଦର୍ଶୀ ଆଲଗୋରିଦିମ ଏଥିରେ ଖଞ୍ଜା ଯାଇଛି । ଫ୍ଲାଇଟ୍ ଟେଷ୍ଟ ସମୟରେ, ସବୁ ଉପପ୍ରଣାଳୀଗୁଡ଼ିକ ଆଶାନୁରୂପ ପ୍ରଦର୍ଶନ କରିଥିଲା । ଫ୍ଲାଇଟର ତଥ୍ୟ ସଂଗ୍ରହ କରିବା ଲାଗି ମୁତୟନ ରାଡାର, ଟେଲିମେଟ୍ରୀ ଓ ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ଷ୍ଟେସନ ସମେତ ସଂଖ୍ୟାଧିକ ରେଞ୍ଜ ସେନ୍ସର ଦ୍ୱାରା ସଂଗୃହିତ ତଥ୍ୟ, କ୍ଷେପଣାସ୍ତ୍ର ପ୍ରଣାଳୀର ପ୍ରଦର୍ଶନକୁ ପ୍ରମାଣିତ କରିଥିଲା । ଡିଆରଡିଓ ଏବଂ ଏଡି-୧ର ସଫଳ ଫ୍ଲାଇଟ୍ ପରୀକ୍ଷଣ ସହ ଜଡ଼ିତ ସବୁ ସହଯୋଗୀମାନଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ

ଗୁରୁବାର, ନଭେମ୍ବର ୦୩, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ସମ୍ବେଦନଶୀଳ ବୁଥ ତାଲିକାରେ ପ୍ରଶାସନିକ ପକ୍ଷପାତିତା ଅଭିଯୋଗ କଲା ବିଜେପି

ଧାମନଗର/ଭୁବନେଶ୍ୱର, ୦୨/୧୧ (ନି.ପ୍ର): ଧାମନଗର ଉପନିର୍ବାଚନକୁ ପରିଚାଳନା କରୁଥିବା ପ୍ରଶାସନିକ ଅଧିକାରୀମାନେ ଶାସକ ଦଳର ସପକ୍ଷରେ ଓ ବିଜେପି ବିରୋଧରେ ପ୍ରଶାସନିକ କାର୍ଯ୍ୟ କରୁଥିବାର ଅନୁଭବ ହେଉଛି । ଆଗରୁ ପୋଲିସ ଶାସକ ଦଳ ସପକ୍ଷରେ ଟଙ୍କା ବାଂଟୁଥିବା ଘଟଣାରେ ରାଜ୍ୟ ବିଜେପି ସଭାପତି ଜିଲ୍ଲା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରିଥିଲେ । ତଥାପି ଜିଲ୍ଲା ପ୍ରଶାସନର ସେଭଳି ଆଚରଣରେ କୌଣସି ପରିବର୍ତନ ଦେଖିବାକୁ ମିଳିଲା ନାହିଁ। ସେହିଭଳି ଆଗରୁ ବିଜେପି ତରଫରୁ ୧୧୩ଟି ବୁଥର ଏକ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥର ତାଲିକା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଥିଲା । ବିଜେପି ଦେଇଥିବା ବୁଥ ତାଲିକାରୁ ୫୪ଟି ବୁଥକୁ ବାଦ ଦିଆଯାଇଥିଲା, ଯେଉଁଥିରୁ ୮ଟି ହେଉଛି ଅତିସମ୍ବେଦନଶୀଳ । ଏହାର ପ୍ରତିବାଦରେ ଗତକାଲି ବ୍ରହ୍ମଗିରି ବିଧାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଯାଇ ଜିଲ୍ଲାପାଳଙ୍କୁ ଦେଖା କରି ସେହି ବୁଥକୁ ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ତାଲିକାର ରଖିବା ପାଇଁ ଅନୁରୋଧ କରାଯାଇଥିଲା । ହେଲେ ଜିଲ୍ଲାପାଳ ତାହା କରିଲେ ନାହିଁ ଯାହାର ପ୍ରତିବାଦରେ ଆଜି ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଯାଇ କେନ୍ଦ୍ରୀୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ । ଧାମନଗର ଉପନିର୍ବାଚନ ତାରିଖ ଘୋଷଣା ହେବା ଦିନ ଠାରୁ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଶାସକ ଦଳକୁ ସୁହାଇଲା ଭଳି ଆଚରଣ କରିଆସିଛି । ସରକାରୀ କର୍ମଚାରୀମାନେ ବିଜୁ ଜନତା ଦଳ ପାଇଁ ଟଙ୍କା ବାଂଟୁଥିବା କଥା ବାରମ୍ବାର ଆସୁଥିଲା ହେଲେ ଜିଲ୍ଲାପାଳ ଏହାକୁ ଗମ୍ଭୀରତାର ସହିତ ନେଉ ନଥିଲେ । ଆସନ୍ତାକାଲି ନିର୍ବାଚନ ହେବାକୁ ଯାଉଥିବା ବେଳେ କାହିଁକି ସେହି ୮ଟି ଅତି ସମ୍ବେଦନଶୀଳ ବୁଥସବୁକୁ ଏବେ ସୁଦ୍ଧା ପ୍ରଶାସନ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥାରେ ଆସୁଥିବା ବୁଥ ତାଲିକା ଭିତରେ ନେଉ ନାହାନ୍ତି ତାହା ଏକ ବଡ ପ୍ରଶ୍ନ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ ଉଠାଇଛନ୍ତି ।

ସଦର ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା

ବାଲେଶ୍ୱର,୦୨/୧୧ (ନି.ପ୍ର): ବିଜୁ ଜନତା ଦଳ ସଦର ଶାଖା ପକ୍ଷରୁ ସହର ଉପକଣ୍ଠ ସିନ୍ଧିଆ ପଞ୍ଚାୟତ ଠାରେ ଜନ ସମ୍ପର୍କ ପଦଯାତ୍ରା ଓ ବିଶାଳ ଜନ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି ।୨୫ନଂ ଜିଲା ପରିଷଦ ଜୋନ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ପଦଯାତ୍ରା ବାହାରି ମୁରଡା ସିନ୍ଧିଆ ପଡିଆ ଠାରେ ପହଞ୍ଚିଥିଲା । ପ୍ରତି ପଞ୍ଚାୟତରୁ ଶତାଧିକ ଦଳୀୟ କର୍ମୀଙ୍କ ସମେତ ବହୁ ବିଜେଡି ସମର୍ଥକ ଓ ସାଧାରଣ ଲୋକେ ଏହି ଜନ ସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିଲେ। ପରେ ସେଠାରେ ଆୟୋଜିତ ଏକ ସାଧାରଣ ସଭାରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଗାନ୍ଧି ଜୟନ୍ତୀରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜନସାଧାରଣଙ୍କ ସହ ସମ୍ପର୍କ ଯୋଡ଼ିବା ସାଙ୍ଗକୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ବାବଦରେ ଲୋକଙ୍କୁ ସଚେତନ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ତେବେ ନଭେମ୍ବର ୨ତାରିଖରେ ଏହି ଜନସମ୍ପର୍କ ପଦଯାତ୍ରା ଶେଷ ହେବାର ଥିଲେ ବି ମୁଖ୍ୟମନ୍ତ୍ରୀ ଏହାକୁ ଆହୁରି ୧୫ଦିନ ପାଇଁ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ। ତେବେ ଏହି ପଦଯାତ୍ରା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କର ସେତୁ ହୋଇପାରିଛି ବୋଲି ସେ କହିଥିଲେ। ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବାଲେଶ୍ୱର ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ଜିଲା ପରିଷଦ ସଦସ୍ୟ ଗିରୀଶ ଦତ୍ତ, ସଞ୍ଜୟ ସେଠୀ ଓ ସୋନାଲି ବିଶ୍ୱାଳ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ବିଜେଡି ଟାଉନ ମହିଳା ସଭାପତି ତଥା କାଉନସିଲର ମୀନା ମହାନ୍ତି, କାଉନସିଲର କାର୍ତିକ ସାହୁ ଓ ସନ୍ଧ୍ୟାରାଣୀ ଜେନା, ବରିଷ୍ଠ ନେତା ରଂଜନ ବାଗ, ଯଯାତି ଦାସ, ଜ୍ୟୋତିରାଣୀ ମାଝୀ, ଦିଲ୍ଲୀପ ମହାନ୍ତି, ସଞ୍ଜୟ ବେହେରା ପ୍ରମୁଖଙ୍କ ସମେତ ୨୫ନଂ ଜୋନର ସମସ୍ତ ପଂଚାୟତର ବିଜେଡି ସମର୍ଥିତ ସରପଂଚ ଓ ସମିତି ସଭ୍ୟ ଏଥିରେ ଯୋଗଦେଇ ଜନସମ୍ପର୍କ ପଦଯାତ୍ରାର ସଫଳ କାର୍ଯ୍ୟକାରିତା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜୋନାଲ ଯୁବ ସାଧାରଣ ସମ୍ପାଦକ ଧୀରେନ ନାୟକ, ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ ଅନସର, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡି ପ୍ରମୁଖ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ସଂଜୟ ରାଉତଙ୍କ ଜାମିନ ଆବେଦନ ଉପରେ ରାୟ ସଂରକ୍ଷିତ

ମୁମ୍ବାଇ,୦୨/୧୧ (ନି.ପ୍ର): ପତ୍ରାଚାଲ ସ୍କାମ ମାମଲାରେ ଶିବସେନା ନେତା ସଂଜୟ ରାଉତଙ୍କ ଜାମିନ ଆବେଦନ ଉପରେ ବୁଧବାର ଏକ ସ୍ୱତନ୍ତ୍ର ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି । କୋର୍ଟ ରାଉତଙ୍କ ନ୍ୟାୟିକ ହେପାଜତକୁ ନଭେମ୍ବର ୯ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ବର୍ତମାନ ପିଏମଏଲଏ କୋର୍ଟ ଜାମିନ ଆବେଦନ ଉପରେ ନଭେମ୍ବର ୯ରେ ରାୟ ପ୍ରକାଶ କରିବେ । ପତ୍ରାଚାଲ ସ୍କାମ ମାମଲାରେ ସଂଜୟ ରାଉତଙ୍କ ଜାମିନ ଆବେଦନ ବୁଧବାର ଏକ ସ୍ୱତନ୍ତ୍ର କୋର୍ଟରେ ଶୁଣାଣି ହୋଇଥିଲା । ସଂଜୟ ରାଉତଙ୍କ ପାଇଁ ଆଡ଼ଭୋକେଟ ଅଶୋକ ମୁନ୍ଦରଗୀ ହାଜର ହୋଇଥିଲେ । ଏନଫୋର୍ସମେଂଟ ନିର୍ଦ୍ଦେଶାଳୟ (ଇଡ଼ି)ର ଓକିଲ ଆଜି କୋର୍ଟରେ ଏକ ଲିଖିତ ଉତର ଉପସ୍ଥାପନ କରିଛନ୍ତି । ଏହା ପରେ ସଂଜୟ ରାଉତଙ୍କ ଜାମିନ ଆବେଦନ ଉପରେ ସ୍ୱତନ୍ତ୍ର କୋର୍ଟ ଏହି ରାୟ ସଂରକ୍ଷିତ ରଖିଛନ୍ତି ।

ବଣିଆଁମାରୀ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କଲେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର

ବସ୍ତା,୦୨/୧୧ (ନି.ପ୍ର): ବସ୍ତା ବ୍ଲକ ଅଧିନସ୍ଥ ବଣିଆମାରୀ କମ୍ୟୁନିଟି ସେଣ୍ଟର ୧କୋଟି ଟଙ୍କାର ମୂଲ୍ୟ ବ୍ୟୟ ଅଟକଳକୁ ଆଜି ଶୁଭ ଉଦ୍‌ଘାଟନକଲେ ଓଡିଶା ସରକାରଙ୍କର ପର୍ଯ୍ୟଟନ ଓଡିଶାଭାଷା ସାହିତ୍ୟ ସଂସ୍କୃତି ଓ ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସମ୍ମାନୀତ ଅତିଥି ୧୬ନଂ ଜୋନର ଜିଲ୍ଲାପରିଷଦ ସଭ୍ୟା ଅନୁଆର ବିବି, ଭେଲୋରା ସରପଞ୍ଚ ଦୂର୍ଗାରାଣୀ ଜେନା ଓ ପଞ୍ଚାୟତ ସମିତି ସଦସ୍ୟ ଅନାଦିଦାସ, ଭେଲୋରା ଯୁବ ବିଜେଡି ସଭାପତି ଅମୂଲ୍ୟକୁମାର ମହାନ୍ତି, ଉମେଶ ମହାନ୍ତି, ଶଙ୍କର୍ଷଣ ମହାନ୍ତି, ବିଶ୍ୱଜିତ ପରିଡା, ପ୍ରହଲ୍ଲାଦଦେ, ଗୋପାଳକୃଷ୍ଣ ମହାନ୍ତି, ସମେତ ବହୁକର୍ମୀ ଓ ପଞ୍ଚାୟତବାସୀ ଉପସ୍ଥିତଥିଲେ ଶେଷରେ ରବିନ୍ଦ୍ର ଦତ୍ତ ଧନ୍ୟବାଦ ଦେଇଥିଲେ ।

ବିଲମ୍ବରେ ସଦର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର,୦୨/୧୧ (ନି.ପ୍ର): ନିକଟରେ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ସାରା ରାଜ୍ୟରେ ୩୭ ଜଣ ବିଇଓ (ଗୋଷ୍ଠି ଶିକ୍ଷା ଅଧିକାରୀ)ଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେଥିମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ସଦର, ଭୋଗରାଇ ଓ ବାହାନଗାରେ ବିଇଓ ପଦ ପୂରଣ ହୋଇଅଛି। ବାଲେଶ୍ୱର ସଦର ବିଇଓ ମିହିର ପ୍ରଧାନ ଗତ ସେପ୍ଟେମ୍ବର ୩୦ ତାରିଖରେ ଅବସର ନେବାପରେ ଏହି ପଦଟି ସରକାର ପୁରଣ କରିଥିଲେ। ମାତ୍ର ନୂତନ ବିଇଓଙ୍କ ଦାୟିତ୍ୱ ଗ୍ରହଣରେ ବିଳମ୍ବ ଯୋଗୁଁ ଚଳିତ ମାସ ଅଧସ୍ତନ ଅଧିକାରୀ ଓ କର୍ମଚାରୀଙ୍କୁ ଦରମା ମିଳିବାରେ ବିଳମ୍ବ ହେବା ନେଇ ଆଶଙ୍କା ଦେଖାଯାଇଛି। ସଦର ବିଇଓଙ୍କ ଅଧୀନରେ ହଜାରେରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଶିକ୍ଷକ ଓ କର୍ମଚାରୀଙ୍କୁ ମିଶାଇ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏଥି ସହିତ ପ୍ରୋଭିଜନାଲ ପେନସନ ପାଉଥିବା ଶିକ୍ଷକ କର୍ମଚାରୀଙ୍କ ସଂଖ୍ୟା ବି କିଛି କମ ନାହିଁ। ବିଇଓଙ୍କ ବିନା ଦସ୍ତଖତରେ ବିଲ ଟ୍ରେଜେରୀକୁ ଯାଇପାରୁ ନଥିବା ବେଳେ ଦରମା କେବେ ମିଳିବ ତାହା ମଧ୍ୟ ଆଶା ଆଶଙ୍କାରେ ରହିଛି। ମାସର ଶେଷ କାର୍ଯ୍ୟ ଦିବସରେ ଦରମା ଏବଂ ପେନସନ୍ ପାଇବାର ସରକାରଙ୍କର କଡ଼ାକଡ଼ି ନିୟମ ଥିବା ବେଳେ ଏହା ବାଲେଶ୍ୱର ସଦରରେ ଏହାର ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ପାର୍ବଣ ଋତୁରେ ଦରମା ଓ ପେନସନ ପ୍ରଦାନରେ ବିଳମ୍ବକୁ ନେଇ ଶିକ୍ଷକ କର୍ମଚାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଏ ବାବଦରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କ ସହ ଯୋଗଯୋଗ କରିବାରୁ ସେ ଟିକିଏ ବିଳମ୍ବ ହେବ ବୋଲି କହିଥିଲେ। ନୂତନ ବିଇଓ ଦୁଇଦିନ ପୂର୍ବରୁ କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ଏଇ ସପ୍ତାହର ଶେଷ ସୁଦ୍ଧା ସବୁ ଠିକଠାକ ହୋଇଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ବିରଳା ଟାୟାର୍ସ-ବାଲେଶ୍ୱର ଆଲୋଏଜ କାର୍ଯ୍ୟକ୍ଷମ ଦାବି

ବାଲେଶ୍ୱର,୦୨/୧୧ (ନି.ପ୍ର): ବାଲେଶ୍ୱର ଜିଲାର ଆର୍ଥିକ ବିକାଶ ଓ ନିଯୁକ୍ତି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଉତ୍ତର ଓଡ଼ିଶାର ଦୁଇ ବୃହତ ଶିଳ୍ପାନୁଷ୍ଠାନ ବିରଳା ଟାୟାର୍ସ ଓ ବାଲେଶ୍ୱର ଆଲୋଏଜର ବନ୍ଦକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଜିଲାର ସଚେତନଶୀଳ ବ୍ୟକ୍ତିମାନେ। ଏହି ଦୁଇ ଶିଳ୍ପାନୁଷ୍ଠାନ କାର୍ଯ୍ୟକ୍ଷମ ନେଇ ସରକାର ଉଚିତ ପଦକ୍ଷେପ ନ ନେଲେ ଆସନ୍ତା ୧୪ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ପାଇଁ ଚେତବନୀ ଦେଇଛନ୍ତି ଯୁବନେତା ବିକ୍ରମ ପଣ୍ଡା ତଥା ତାଙ୍କର ସହଯୋଗୀ ମାନେ। ଏହି ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ହୋଟେଲ ଫାଣ୍ଟାସିରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବିକ୍ରମ ପଣ୍ଡା, ବିକାଶ ପାଢ଼ୀ, କୃଷକ ନେତା ଅରୁଣ ଜେନା ପ୍ରମୁଖ ଏଥିରେ ଯୋଗଦେଇ ବାଲେଶ୍ୱର ଜିଲାର ଶିଳ୍ପାୟନ କ୍ଷେତ୍ରରେ ଦେଖା ଦେଇଥିବା ଦୁଃସ୍ଥ ସ୍ଥିତି ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି। ତେବେ ବାଲେଶ୍ୱର ଜିଲାର ଆର୍ଥିକ ଉନ୍ନତି ସାଙ୍ଗକୁ ବେକାରୀ ସମସ୍ୟା ଦୂରୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦୁଇ ଶିଳ୍ପାନୁଷ୍ଠାନ 'ବିରଳା ଟାୟାର୍ସ' ଓ 'ବାଲେଶ୍ୱର ଆଲୋଏଜ'ଗତ କିଛିବର୍ଷ ଧରି ରଗଣ ହେବା ସହ ଏବେ ବନ୍ଦ ହୋଇଯାଇଛି। ୫ ହଜାରରୁ ଅଧିକ ଶ୍ରମିକ ଏବେ ଦାଣ୍ଡରେ ଭିକାରି ହୋଇଛନ୍ତି। ଇତିମଧ୍ୟରେ ବହୁ ନେତା, ମନ୍ତ୍ରୀ, ସାଂସଦ ଓ ବିଧାୟକ କ୍ଷମତାକୁ ଆସିଛନ୍ତି ଓ କାର୍ଯ୍ୟକାଳ ଶେଷ ପରେ ଚାଲିଯାଇଛନ୍ତି। ମାତ୍ର ଦୁଇ ଶିଳ୍ପାନୁଷ୍ଠାନ କାର୍ଯ୍ୟକ୍ଷମ ନେଇ କେହି ଟିକିଏ ହେଲେ ଉଦ୍ୟମ କରି ନାହାନ୍ତି। ତୁରନ୍ତ ସରକାର ଏ ବାବଦରେ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୧୪ ତାରିଖରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ ହେବ ବୋଲି ଯୁବନେତା ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି। ଜିଲାର ସ୍ୱାର୍ଥରକ୍ଷା ପାଇଁ ଏହି ଅଭିଯାନକୁ ସଫଳ କରିବା ପାଇଁ ପ୍ରତ୍ୟେକ ବର୍ଗରୁ ସହଯୋଗ ନିମନ୍ତେ ସେ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୁକୁଲୁ ଘଡ଼େଇ, ସୁଶାନ୍ତ ରଣା, ମନୋଜ କୁମାର ନାୟକ, ସଂଯୁକ୍ତାରାଣୀ ବେହେରା, ସାହେବା ଅକ୍ତର, ବିନତୀ ବାରିକ, ଅନୀତା ଜେନା, ପ୍ରତୀମା ପଣ୍ଡା, ହ୍ରିତୀକ ନାୟକ, ଶେଖ ଅରଫାନ, କାର୍ତ୍ତିକେଶ୍ୱର ମାଝୀ, ଚିତ୍ତରଂଜନ ନାୟକ, ସୃଷ୍ଟିଧର ଜେନା, ଜ୍ଞାନେନ୍ଦ୍ର ମହାନ୍ତି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

୨୧୬୯ ପଦବୀ ପୂରଣ କରିବ ଓଏସଏସସି, ନଭେମ୍ବର ୧୧ରୁ ଅନଲାଇନ୍ ଆବେଦନ

ଭୁବନେଶ୍ୱର, ୦୨/୧୧ (ନି.ପ୍ର): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ଦ୍ୱାରା ରାଜ୍ୟ ସରକାରଙ୍କ ଅଧୀନରେ ଖାଲିଥିବା ୨୧୬୯ଟି ପଦବୀ ପୂରଣ କରାଯିବ। ଏଥି ନେଇ ଆୟୋଗ ପକ୍ଷରୁ ମିଳିତ ସ୍ନାତକ ସ୍ତରୀୟ ନିଯୁକ୍ତି ପରୀକ୍ଷା ଏବଂ ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥି ନିମନ୍ତେ ଆୟୋଗ ପକ୍ଷରୁ ନଭେମ୍ବର ୧୧ ତାରିଖରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଦରଖାସ୍ତ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଅଣବୈଷୟିକ ନିଯୁକ୍ତି ପରୀକ୍ଷା ଜରିଆରେ ୬୯୯ଟି ଗ୍ରୁପ୍ 'ବି' ପଦବୀ, ୨୪୪ଟି ଗ୍ରୁପ୍ 'ସି' ପଦବୀ ପୂରଣ କରାଯିବ। ସେହିପରି ବୈଷୟିକ ସେବା ପରୀକ୍ଷା ମାଧ୍ୟମରେ ଗ୍ରୁପ୍ 'ବି'ର ୧୨୨୬ଟି ପଦବୀ ପୂରଣ କରାଯିବ । ପୂରଣ ହେବାକୁ ଥିବା ସମୁଦାୟ ୨୧୬୯ଟି ପଦବୀ ମଧ୍ୟରେ ୧୯୨୫ଟି ଗ୍ରୁପ୍ 'ବି' ପଦବୀ ରହିଛି । ଏହାର ସବିଶେଷ ତଥ୍ୟ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗର ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁ.ଓଏସଏସସି.ଜିଓଭି.ଇନ୍ ରେ ଉପଲବ୍ଧ ହେବ ବୋଲି ଆୟୋଗ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ।

ଢେଙ୍କାନାଳରେ ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ଣ୍ଣାମେଂଟର ଉଦଘାଟନ କରିବେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୦୨/୧୧ (ନି.ପ୍ର): କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତାକାଲି (ଗୁରୁବାର)ଢ଼େଙ୍କାନାଳର ମିନି ଷ୍ଟାଡିୟମରେ 'ଆମେ ଓଡ଼ିଆ' ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ଣ୍ଣାମେଂଟ'ର ଉଦଘାଟନ ସମାରୋହରେ ଯୋଗଦେବେ। ଚଳିତ ମାସ ନଭେମ୍ବର ୩ ରୁ ୮ ତାରିଖ ପର୍ଯ୍ୟନ୍ତ 'ଆମେ ଓଡ଼ିଆ' ପକ୍ଷରୁ ଢେଙ୍କାନାଳ, ଅନୁଗୋଳ ଓ ତାଳଚେରରେ 'ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ଣ୍ଣାମେଂଟ' ଆୟୋଜନ କରାଯାଉଛି। ଗୁରୁବାର ଢେଙ୍କାନାଳ ମିନି ଷ୍ଟାଡିୟମରେ ଏହି ଟୁର୍ଣ୍ଣାମେଂଟର ଉଦଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ଏହାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉଦଘାଟନ କରିବେ। ଉଦଘାଟନୀ ମ୍ୟାଚରେ ଖେଳାଯିବାକୁ ଥିବା ଓଡ଼ିଶା ଓ ମୁମ୍ବାଇର କେନକ୍ରେ ଏଫସି ମଧ୍ୟରେ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚକୁ ଶ୍ରୀ ପ୍ରଧାନ ଦେଖିବାର କାର୍ଯ୍ୟକ୍ରମ ରହିଛି।

ବସ୍ତାରେ ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ

ବସ୍ତା,୦୨/୧୧ (ନି.ପ୍ର): ଆଜି ବସ୍ତାରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ଆଜି ହଜାର ହଜାର ବିଜେଡି କର୍ମୀ ବସ୍ତା ବଜାରରେ ଥିବା ଈଶ୍ୱରବର୍ତୀ ମନ୍ଦିର ଠାରୁ ଏକ ବିଶାଳ ଶୋଭଯାତ୍ରାରେ ବାହାରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିଜେଡି ବ୍ଲକ ସଭାପତି ଅନିଲ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ଇଂ ରବିନ୍ଦ୍ର ଜେନା, ରାଜ୍ୟ କାର୍ଯ୍ୟ କାରିଣୀ ସଭାପତି ସୁବାସିନି ଜେନା,ବସ୍ତା ଯୁବ ବିଜେଡି ସଭାପତି ଅଞ୍ଜନ କୁମାର ଦଣ୍ଡପାଟ, ଜିଲ୍ଲା ପରିଷଦ ସଦସ୍ୟ ସୁଜାତା ରାନୀ ଦଣ୍ଡପାଟ, ଦେବିକା ସୋରେନ, ବିଷ୍ଣୁପ୍ରିୟା ବୁଗୁଡ଼ି, ବ୍ଲକ ଅଧ୍ୟକ୍ଷ ଅଞ୍ଜଳୀ ଦାସ ବରଦା ପ୍ରଶଂନ ପଟନାୟକ ଶଙ୍କର କୁମାର କର ବିରାଜ ସିଂଦେଓ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ ସମିତି ସଭ୍ୟପ୍ରମୁଖ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ମାନଙ୍କ ବିଷୟ ରେ ଲୋକଙ୍କୁ ଉଦବୋଧନ ଦବା ସହିତ ବିଜେଡି ସରକାର ସର୍ବଦା ଗରିବଙ୍କ ସହିତ ରହିଛି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ମହାଦେବ ଦାସ, ଦେବୀ ପ୍ରସାଦ ଭଞ୍ଜ,ପୂର୍ଣ୍ଣଚନ୍ଦ୍ର ଜେନା, ମନୋରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କ ସହିତ ଦୁଇ ହଜାରରୁ ଅଧିକ କର୍ମୀ ଯୋଗ ଦେଇଥିଲେ।

ଧାମନଗର ଉପନିର୍ବାଚନ : ମତଦାନ ଗ୍ରହଣ ଲାଗି ପ୍ରସ୍ତୁତି ଚୂଡ଼ାନ୍ତ

ଭଦ୍ରକ,୦୨/୧୧ (ନି.ପ୍ର): ୪୬-ଧାମନଗର